୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.232 Bhubaneswar Saturday October 26 2024 | ୨୬ତମ ବର୍ଷ ସଂଖ୍ୟା–୨୩୨ ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ‘ଦାନା’ରେ ଜନ୍ମ ନେଇଛନ୍ତି ୨୨୦୦ ଶିଶୁ, ୮ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରିଥିଲୁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୫।୧୦(ପି.ଏନ): ବାତ୍ୟା ‘ଦାନା’ର ପ୍ରକୋପ ଲାଗି ରହିଥିବାବେଳେ ମୋଟ ୨୨୦୦ଜଣ ଶିଶୁ ଜନ୍ମ ନେଇଛନ୍ତି । ଆଉ ସେମାନଙ୍କ ମଧ୍ୟରେ ଯାଆଁଳା ଶିଶୁଙ୍କୁ ଜନ୍ମ ଦେଇଛନ୍ତି ୧୮ଜଣ ମା’ । ଏହି ସମସ୍ତ ଉଭୟ ମା’ ଓ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ସୁରକ୍ଷିତ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ସୂଚ଼ନା ଦେଇଛନ୍ତି । ଏହାସହିତ ବାତ୍ୟା ‘ଦାନା’ ଯୋଗୁ ମୋଟ ୮ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚ଼ନା ଦେବା ସହ ଟିମ୍ ୱାର୍କ ମାଧ୍ୟମରେ ବାତ୍ୟାର ସଫଳ ମୁକାବିଲା କରାଯାଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ।ଆଜି ରାତି ପ୍ରାୟ ୯ଟା ୧୦ମିନିଟରେ ସାମ୍ବାଦିକମାନଙ୍କୁ ସୂଚ଼ନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବାତ୍ୟା ‘ଦାନା’ ଏବେ ଦୁର୍ବଳ ହୋଇଥିବା ନେଇ ପାଣିପାଗ ବିଭାଗ ସୂଚ଼ନା ଦେଇଛି । ତେବେ ଏହାର ପ୍ରଭାବରେ କିଛି ଅଂଚ଼ଳରେ ତୁହାକୁ ତୁହା ପ୍ରବଳ ବର୍ଷା ଲାଗି ରହିଥିବାରୁ ପୁନରୁଦ୍ଧାର କାର୍ଯ୍ୟରେ ସମସ୍ୟା ଦେଖାଦେଇଛି । ତେବେ ଆଜି ଅପରାହ୍ନ ସୁଦ୍ଧା ରାସ୍ତା ଅବରୋଧକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି । ବାତ୍ୟା ଯୋଗୁ ଗଛ ଭାଙ୍ଗି ହୋଇଥିବା ଏସବୁ ରାସ୍ତା ଅବରୋଧ ହୋଇଥିଲା । ସେହିପରି ବାତ୍ୟା ଯୋଗୁ ୨୨.୪୩ ଲକ୍ଷ ବିଦ୍ୟୁତ ଉପଭୋକ୍ତାଙ୍କ ବିଦ୍ୟୁତ ଯୋଗାଣ ବିଚ଼ଛିନ୍ନ ହୋଇଥିଲା । ଇତିମଧ୍ୟରେ ୧୪.୮୦ଲକ୍ଷ ଉପଭୋକ୍ତାଙ୍କର ବିଦ୍ୟୁତ ପୁନଃଯୋଗାଣ ସମ୍ଭବପର ହୋଇପାରିଛି । କିନ୍ତୁ ପ୍ରବଳ ବର୍ଷା ଯୋଗୁ ବାକି ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ ହୋଇପାରିନି । ଆସନ୍ତାକାଲି ସୁଦ୍ଧା ଏହି ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଦେବାକୁ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି ବୋଲି ସେ ଆଶ୍ୱାସନା ଦେଇଛନ୍ତି । ଆଜି ରାତି ୯ଟା ସୁଦ୍ଧା ଭଦ୍ରକ ଜିଲ୍ଲାରେ ବିଦ୍ୟୁତଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## କାଲି ଯାଏଁ ଏହି ସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ



ଭୁବନେଶ୍ୱର,୨୫।୧୦(ପି.ଏନ): ବାତ୍ୟା ‘ଦାନା’ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି । ବାତ୍ୟାରୁ ଏହା ଗଭୀର ଅବପାତରେ ପରିଣତ ହୋଇଥିବାରୁ ଲଗାଣ ବର୍ଷା ଜାରି ରହିବ । ସମ୍ଭାବ୍ୟ ବର୍ଷାକୁ ନେଇ ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ ।ଆସନ୍ତାକାଲି ସକାଳ ୮ଟା ୩୦ ପର୍ଯ୍ୟନ୍ତ ୪ଟି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ବିଭାଗ । ଏହି ଜିଲ୍ଲାଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର । ଏହିସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ଗୋଟିଏ ଦୁଇଟି ସ୍ଥାନରେ ଅତ୍ୟଧିକ ଅତି ପ୍ରବଳ ବର୍ଷା ଅର୍ଥାତ୍ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ।

## ବାତ୍ୟା ଯୋଗୁଁ ୧,୭୫,୦୦୦ ଏକର ଫସଲ କ୍ଷୟକ୍ଷତି ହୋଇଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୦(ପି.ଏନ): ସାମୁଦ୍ରିକ ବାତ୍ୟା ‘ଦାନା’ ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଛି । କୃଷିକ୍ଷେତ୍ରକୁ ବାତ୍ୟା ପ୍ରଭାବିତ କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ପ୍ରାଥମିକ ଆକଳନ ଅନୁସାରେ ବାତ୍ୟା ଯୋଗୁଁ ୧,୭୫,୦୦୦ ଏକର ଫସଲ କ୍ଷୟକ୍ଷତି ହୋଇଛି । ସଂପୂର୍ଣ୍ଣ ତଥ୍ୟ ମିଳିବା ପରେ କୃଷିକ୍ଷେତ୍ରକୁ କେତେ କ୍ଷୟକ୍ଷତି ହୋଇଛି ତାହା ଜଣାପଡିବ ଏବଂ କ୍ଷତିପୂରଣ ବାବଦରେ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଶୁକ୍ରବାର ରାତିରେ କହିଛନ୍ତି ।ସ୍ୱତନ୍ତ୍ର ରିଲିଫ କମିସନର (ଏସ୍ଆରସି)ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ବାତ୍ୟା ଆଶ୍ରୟସ୍ଥଳୀରେ ପାଖାପାଖି ୮ ଲକ୍ଷ ଲୋକଙ୍କୁ ରଖାଯାଇଛି । ଆମେ ଲୋକଙ୍କୁ ସଫଳତାର ସହିତ ଉଦ୍ଧାର କରି ବାତ୍ୟା ଆଶ୍ରୟସ୍ଥଳୀରେ ରଖିଥିଲୁ । ଯେଉଁମାନେ ବାତ୍ୟା ଆଶ୍ରୟସ୍ଥଳୀରେ ଅଛନ୍ତି, ସେମାନେ ଆଜି ପର୍ଯ୍ୟନ୍ତ ସେଠାରେ ସୁରକ୍ଷିତ ଅଛନ୍ତି । କିଛି ଲୋକ ଅନୁମତି କ୍ରମେ ଘରକୁ ଯାଇଛନ୍ତି । ସମସ୍ତ ବିଭାଗ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । କର୍ମଚ଼ାରୀମାନେ ପ୍ରଶଂସନୀୟ କାମ କରିଛନ୍ତି

### ସମୁଦ୍ର ମୁହାଣରେ ଫସିଲା ଦୁଇଟି ଟ୍ରଲର

ଭୁବନେଶ୍ୱର,୨୫।୧୦(ପି.ଏନ): ଲ୍ୟାଣ୍ଡଫଲ୍ ପରେ ଅନେକ ସ୍ଥାନରେ ବାତ୍ୟା ‘ଦାନା’ର ତାଣ୍ଡବ ଦେଖିବାକୁ ମିଳିଥିଲା । ମଧ୍ୟରାତ୍ରୀର ଅନ୍ଧକାରରେ ସୁ ସୁ ଗର୍ଜନ କରି ପବନ ବହିବା ସହ ପ୍ରବଳ ବର୍ଷା ହୋଇଥିଲା । ଗଛ ଉପୁଡିବା ସହ ଚ଼ାଳ ଛପର ଭାଙ୍ଗିଯାଇଥିଲା । ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଥିଲା । ବର୍ତ୍ତମାନ ଧାମରା ନିକଟରେ ସମୁଦ୍ର ମୁହାଣରେ ଟ୍ରଲର ଫସିଥିବା ଖବର ସାମ୍ନାକୁ ଆସିଛି ।

## ଆତଙ୍କୀ ହମଲା ପାଇଁ ପାକିସ୍ତାନକୁ ଦାୟୀ କଲେ ଫାରୁକ ଅବଦୁଲ୍ଲା

ଭୁବନେଶ୍ୱର,୨୫।୧୦(ପି.ଏନ): ଜମ୍ମୁ-କଶ୍ମୀରରେ କ୍ରମାଗତ ବ ?ୁଥିବା ଆତଙ୍କବାଦୀ ହମଲା ପାଇଁ କ୍ଷମତାସୀନ ନ୍ୟାଶନାଲ କନଫରେନ୍ସର ବସ୍ ? ଫାରୁକ ଅବଦୁଲ୍ଲା ପାକିସ୍ତାନକୁ ଦାୟୀ କରିଛନ୍ତି । ଉପତ୍ୟକାରେ ଘଟୁଥିବା ଆତଙ୍କବାଦୀର ମୂଳ ପାକିସ୍ତାନରେ ରହିଛି ଓ ଇସଲାମାବାଦ ଏହା ଉପରେ ରୋକ ଲଗାଉ ବୋଲି ସେ କହିଛନ୍ତି । ଏହାବାଦ ପାକିସ୍ତାନକୁ ବନ୍ଧୁତା ସ୍ଥାପନ ପାଇଁ ବାଟ କରିବାକୁ ମଧ୍ୟ ଫାରୁକ ପରାମର୍ଶ ଦେଇଛନ୍ତି । ଫାରୁକ ଅବଦୁଲ୍ଲା କହିଛନ୍ତି, “ଆମେ ଉପଯୁକ୍ତ ସମାଧାନର ରାସ୍ତା ନ ପାଇବା ଯାଏ ରାଜ୍ୟରେ ଏପରି ଆତଙ୍କବାଦୀ ହମଲା ଜାରି ରହିଥିବ । ଆମେ ସମସ୍ତେ ଏହାର ମୂଳ କେଉଁଠି, ସେକଥା ଜାଣିଛେ ।



## ମାଆ କୋଳକୁ ଆସିଲେ ‘ଦାନା’

ଭୁବନେଶ୍ୱର,୨୫।୧୦(ପି.ଏନ): ମାଆ କୋଳକୁ ଆସିଲେ ‘ଦାନା’ । ବୋଧହୁଏ ଭାବୁଥିବେ ବାତ୍ୟା ‘ଦାନା’ । ନା, ଇଏ ସେହି ବାତ୍ୟା ‘ଦାନା’ ନୁହେଁ, ଯିଏ ଭୟଙ୍କର ରୂପ ଧରି ନଷ୍ଟଭ୍ରଷ୍ଟ କରି ଚ଼ାଲିଛି । ଇଏ ହେଉଛି ଆମ କୁନିପୁଅ ‘ଦାନା’ । ବାତ୍ୟା କରାଳ ରୂପ ଭିତରେ ମେଡିକାଲ୍ ? ବେଡ୍‌ରେ ମାଆଙ୍କ କୋଳମଣ୍ଡନ କରିଛି । ଆଉ ଗର୍ଭ ଯନ୍ତ୍ରଣା ଭିତରେ ମାଆ ଓଠରେ ଦେଇଛି କେଞ୍ଚାଏ ହାସ । ଯିଏ ବ ?ିଲେ ବୃଦ୍ଧା ଅବସ୍ଥାରେ ବାପା-ମାଆଙ୍କ ପେଟକୁ ‘ଦାନା’ ଯୋଗାଇବ । ସେଥିପାଇଁ ବାପା-ମାଆ ତା’ ନାଁ ଦେଇଛନ୍ତି ‘ଦାନା’ । ଇଏତ ଗଲେ ‘ଦାନା’, ଆହୁରି ମଧ୍ୟ ମେଡିକାଲ୍ ? ବେଡ୍ ?ରେ ଥିବା ବେଳେ ମାଆ କୋଳକୁ ଆସିଛନ୍ତି ‘ଦାନବୀର’ ଓ ‘ଦାନବ’ । ବାତ୍ୟାର ବୀଭିଷିକା ଭିତରେ ଏମିତି ଭଲ ଖବର ଆସିଛି ଭଦ୍ରକ ଜିଲ୍ଲାରୁ । ଧାମନଗର ବ୍ଲକ୍ ରଇପୁର ପଞ୍ଚାୟତ କଣ୍ଟିକା ଗାଁର ଶୁଭ ମଲ୍ଲିକ ଗର୍ଭବତୀ ଥିଲେ । ବାତ୍ୟା ‘ଦାନା’ ଆସୁଥିବାରୁ ତାଙ୍କୁ ଧୂଷୁରୀ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ସେଠାରେ ଥିବା ବେଳେ ଗୁରୁବାର ରାତିରେ ସେ ପ୍ରସବ ବେଦନା ପାଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଚ଼ିକିତ୍ସା ସେବା ଯୋଗାଇ ଦିଆଯାଇଥିଲା । ସେଠାରେ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ ଶୁଭ । ପ୍ରସବ ପରେ ଉଭୟ ମାଆ ଓ ଶିଶୁ ସୁସ୍ଥ ଅଛନ୍ତି । ପରିବାର ଲୋକ ପୁଆର ନାଁ ରଖିଥିଲେ ‘ଦାନା’ । ବଢ଼ିଗଲେ ବୃଦ୍ଧ ବାପା-ମାଆଙ୍କ ପେଟକୁ ଦାନା ଯୋଗାଇବେ । ସେଥିପାଇଁ ପରିବାର ଲୋକ ପୁଅର ନାଁ ରଖିଛନ୍ତି ‘ଦାନା’ ।



## ରତନ ଟାଟାଙ୍କ ୧୦ ହଜାର କୋଟିର ୱିଲ: କୁକୁର ଠାରୁ ରୋଷେୟା, କାହାକୁ ମିଳିବ କେତେ ?

ଭୁବନେଶ୍ୱର,୨୫।୧୦(ପି.ଏନ): ସାମ୍ନାକୁ ଆସିଲା ଦିବଂଗତ ଶିଳ୍ପପତି ରତନ ଟାଟାଙ୍କ ୧୦ହଜାର କୋଟି ଟଙ୍କାର ୱିଲ୍ । ଆରପାରିକୁ ଯିବା ଆଗରୁ ଶିଳ୍ପ ସମ୍ରାଟ ରତନ ଟାଟା ୧୦ ହଜାର କୋଟି ଟଙ୍କାର ସଂପତ୍ତି ପଛରେ ଛାଡି ଯାଇଛନ୍ତି । ଏଥିରୁ କାହାକୁ କେତେ ଅଂଶଧନ ମିଳିବ, ସେକଥା ମଧ୍ୟ ସେ ନିଜ ଶେଷ ୱିଲ ବା ଇଛାପତ୍ରରେ ଉଲ୍ଲେଖ କରିଛନ୍ତି । ୱିଲରେ ନିଜର ପୋଷା କୁକୁର ଠାରୁ ଆରମ୍ଭ କରି ରୋଷେୟା, ସହାୟକ ଓ ଅନ୍ୟମାନଙ୍କୁ ଭାଗ ଦେବାକୁ ସେ କହିଛନ୍ତି । ଏହାବାଦ ତାଙ୍କର ଅତି ଘନିଷ୍ଠ ଯୁବ ଉଦ୍‌ଯୋଗୀ ତଥା ଟାଟା ଟ୍ରଷ୍ଟର ସର୍ବକନିଷ୍ଠ ଜେନେରାଲ୍ ମ୍ୟାନେଜର ଶାନ୍ତନୁ ନାଇଡୁ, ଭାଇ ଜିମି ଟାଟା, ସାବତ ଭଉଣୀ ଶିରିନ୍ ଓ ଡିଆନା ଜିଜିଭୟଙ୍କ ନାଁ ୱିଲରେ ରହିଛି । କେବଳ ଏତିକି ନୁହେଁ, ଦୀର୍ଘ ୩ ଦଶନ୍ଧିରୁ ଅଧିକ ବର୍ଷ ହେଲାଣି ରୋଷେୟା ଭାବେ କାମ କରୁଥିବା ରାଜନ ଶ’, ଘରୋଇ ସହାୟକ ସୁବୈୟା ଓ ପୋଷା କୁକୁର ଟିଟୋ ବି ଏହି ସଂପତ୍ତିରୁ ଭାଗ ପାଇବେ ।ପୂର୍ବରୁ ପୋଷା କୁକୁରର ମୃତ୍ୟୁ ପରେ ୬ ବର୍ଷ ହେଲା ରତନ ଟାଟା ଗୋଟିଏ ଜର୍ମାନ୍ ସେଫର୍ଡକୁ ପାଳିଥିଲେ । ପୋଷା କୁକୁର ନାଁ ଅନୁସାରେ ସେ ଜର୍ମାନ ସେଫର୍ଡର ନାଁ ମଧ୍ୟ ଟିଟୋ ରଖିଥିଲେ । ତା’ର ଲାଳନପାଳନ ଦାୟିତ୍ୱ ରୋଷେୟା ରାଜନଙ୍କୁ ଦେବାକୁ ରତନ ଟାଟା କହିଛନ୍ତି । ଏଥିପାଇଁ ସଂପତ୍ତିର କିଛି ଅଂଶ ବି ୱିଲରେ ଉଲ୍ଲେଖ କରିଛନ୍ତି ।

## କନ୍ଧମାଳରେ ଏନକାଉଣ୍ଟର, ଜଣେ ମାଓବାଦୀ ନିପାତ



ଭୁବନେଶ୍ୱର,୨୫।୧୦(ପି.ଏନ): କନ୍ଧମାଳରେ ସୁରକ୍ଷାକର୍ମୀଙ୍କୁ ବଡ ସଫଳତା । ସୁରକ୍ଷାକର୍ମୀଙ୍କ ଗୁଳିମାଡରେ ଜଣେ ମାଓବାଦୀ ନିପାତ ହୋଇଥିବା ସୂଚ଼ନା ରହିଛି । କନ୍ଧମାଳରେ ସୁରକ୍ଷାକର୍ମୀ ଏବଂ ମାଓବାଦୀ ମୁହାଁମୁହିଁ ହୋଇଥିଲେ । ବାଲଗୁଡା ଥାନା ଅଞ୍ଚଳରେ ଏହି ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଏସଓଜି, ଡିଭିଏଫ ସୁରକ୍ଷାକର୍ମୀ କୁମ୍ବିଂ ଅପରେସନ ବେଳେ ମୁହାଁମୁହିଁ ହୋଇଥିବା ସୂଚ଼ନା ରହିଛି । ଗୁଳି ବିନିମୟରେ ଜଣେ ଆତଙ୍କବାଦୀ ନିପାତ ହୋଇଥିବା ସୂଚ଼ନା ମିଳିଛି ।

## ଝାଡଖଣ୍ଡ ନିର୍ବାଚ଼ନ: ବିଜେପିର ଷ୍ଟାର ପ୍ରଚ଼ାରକ ତାଲିକାରେ ଓଡିଶା ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୦(ପି.ଏନ): ଝାଡଖଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ବିଧାନସଭା ନିର୍ବାଚ଼ନ ପାଇଁ ଆଜି ବିଜେପି ତା’ର ଷ୍ଟାର ପ୍ରଚ଼ାର ତାଲିକା ଜାରି କରିଛି । ଏହି ୪୦ ଜଣିଆ ଷ୍ଟାର ପ୍ରଚ଼ାର ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ନାଁ ମଧ୍ୟ ରହିଛି । ଷ୍ଟାର ପ୍ରଚ଼ାରକ ହେବା ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ମାଝୀ ଏକଦା ଝାଡଖଣ୍ଡ ଯାଇଥିଲେ । ଏବେ ତାଙ୍କୁ ବିଜେପି ବିଧିବଦ୍ଧ ଭାବେ ଷ୍ଟାର ପ୍ରଚ଼ାରକ ତାଲିକାରେ ସାମିଲ କରିଛି । ଏହାର ଅର୍ଥ ସେ ଝାଡଖଣ୍ଡରେ ବିଜେପି ପାଇଁ ପ୍ରଚ଼ାର କରିବା ସହ ଲୋକଙ୍କୁ ଭୋଟ ମାଗିବେ । ଦଳ ଜାରି କରିଥିବା ୪୦ ଜଣିଆ ଷ୍ଟାର ପ୍ରଚ଼ାର ତାଲିକାର ୧୭ନଂ ସ୍ଥାନରେ ଶ୍ରୀ ମାଝୀଙ୍କ ନାଁ ରହିଛି । ସେହିପରି ସମ୍ବଲପୁର ଲୋକସଭା ଆସନରୁ ଜିତି କେନ୍ଦ୍ରମନ୍ତ୍ରୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ନାଁ ମଧ୍ୟ ଷ୍ଟାର ପ୍ରଚ଼ାର ତାଲିକାରେ ରହିଛି । ତାଲିକାର ୧୨ ନମ୍ବର ସ୍ଥାନରେ ତାଙ୍କ ନାଁ ରହିଛି ।



## ଘର ଭାଙ୍ଗିଥିବା ପରିବାରଙ୍କୁ ମିଳିବ ପକ୍କା ଘର, ୭ ଦିନ ଭିତରେ ହେବ କ୍ଷୟକ୍ଷତି ଆକଳନ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୫।୧୦(ପି.ଏନ): ବାତ୍ୟା ‘ଦାନା’ର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହୋଇଛି । ବାତ୍ୟା ପ୍ରଭାବିତ କେନ୍ଦ୍ରାପଡା ଜିଲ୍ଲାରେ ଅନେକ କ୍ଷୟକ୍ଷତି ଘଟିଛି । ଏହି ବାତ୍ୟାରେ ଯେଉଁମାନଙ୍କର ଘର ଭାଙ୍ଗିଛି ସେମାନଙ୍କ ପାଇଁ ପକ୍କା ଘରର ବ୍ୟବସ୍ଥା କରାଯିବ । ବାତ୍ୟ ପରିବର୍ତ୍ତୀ କ୍ଷୟକ୍ଷତି ଆକଳନ କରି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।ସେ କହିଛନ୍ତି ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ଭାବେ ମୋ ଦାୟିତ୍ୱ । ଏହା ମୋ ପାଇଁ ଏକ ନିଆରା ଅନୁଭୂତି । ଓଡ଼ିଶାବାସୀଙ୍କ ବିଜୟ ହେଲା । ବିରୋଧୀ ଦଳ ଭାବରେ ଓଡ଼ିଶା ପୋଲିସର ଚେହେରା ଦେଖିଥିଲି ଏବେ ପୋଲିସ ପ୍ରତି ସମ୍ବେଦନଶୀଳ ଆସିଲା ଗୋଟେ ମଣିଷ ପ୍ରେମୀ ଚେହେରା ଦେଖିଲି । ରାସ୍ତା ସଫା ସରିଲାଣି । ଚ଼ାରି ଘଣ୍ଟା ଭିତରେ ରାସ୍ତା ସଫା ସରିଲାଣି । ଟେଲିକମର କୌଣସି ଅଭିଯୋଗ ଆସିନାହିଁ । କିଛି ସ୍ଥାନରେ



ତାର ଛିଣ୍ଡିବା ଯୋଗୁଁ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି । ଖୁବ ଶୀଘ୍ର ବିଦ୍ୟୁତ ସଂଯୋଗ କରାଯିବ । ଏବେ ମଧ୍ୟ ଖାଲୁଆ ଜାଗାରେ ପାଣି କାଟିନି, ଯେଉଁମାନେ ରିଲିଫ ସେଣ୍ଟର ରେ ରହିବା ପାଇଁ ଚ଼ାହିଁବେ ରହିପାରିବେ । ସେମାନଙ୍କୁ ରନ୍ଧା ଖାଦ୍ୟ ଦିଆଯିବ । ଯେଉଁମାନେ ଘରକୁ ଯିବେ ରିଲିଫ ସେଣ୍ଟରରେ ଜଣାଇ ଯାଇପାରିବେ । ଏହା ବାଦ୍ ଆଶା ଦିଦି ଶ୍ରାବଣୀର କାର୍ଯ୍ୟକୁ ମଧ୍ୟ ପ୍ରଶଂସା କରିଛନ୍ତି ରାଜସ୍ୱ ମନ୍ତ୍ରୀ । ଗୋ ସମ୍ପଦକୁ ସୁରକ୍ଷା କରିବାରେ ଓଡ଼ିଶା ସରକାର ରେକର୍ଡ କଲେ । ଗଣ ମାଧ୍ୟମ ପ୍ରତିନିଧିଙ୍କୁ ପ୍ରଶଂସା କରିଛନ୍ତି ମନ୍ତ୍ରୀ । ଘର ଭାଙ୍ଗିଥିବା ଲୋକଙ୍କୁ ପକ୍କା ଘର ଦେବା ପାଇଁ ନିଷ୍ପତ୍ତି ହୋଇଛି । ଆସନ୍ତାକାଲି ବିଶେଷ ପ୍ରଭାବିତ ଭଦ୍ରକ ଓ କେନ୍ଦ୍ରାପଡ଼ାର ଏରିୟଲ ଭାବେ ପ୍ରାଥମିକ ଆକଳନ କରାଯିବ । ଫିଲଡ଼ ଷ୍ଟାଫ କ୍ଷୟ କ୍ଷତି ଆକଳନ କରିବେ । ଫସଲ ଓ ଘର କ୍ଷୟକ୍ଷତି ଆକଳନ ୭ ଦିନ ଭିତରେ ହେବ ।

## ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ଶେଷ ହେଲା ବିଦ୍ୟୁତ ସରବରାହ ମରାମତି କାର୍ଯ୍ୟ



ଭୁବନେଶ୍ୱର,୨୫।୧୦(ପି.ଏନ): ଓଡ଼ିଶାରେ ବାତ୍ୟା ‘ଦାନା’ ସ୍ଥଳଭାଗ ଛୁଇଁବା ପରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ବୈଦୁତିକ ଭିତ୍ତିଭୂମି ବହୁଳ ଭାବେ ପ୍ରଭାବିତ ହୋଇଛି । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଉଓଝଉଡଂଗ ଗୁଡ଼ିକ ଆବଶ୍ୟକ ମାନବ ସମ୍ବଳ ଓ ବୈଦ୍ୟୁତିକ ଉପକରଣ ବ୍ୟବହାର କରି ଯୁଦ୍ଧକାଳୀନ ଭିତ୍ତିରେ ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି ।ଆଜି ଅପରାହ୍ନ ୨ ଟା ସୁଦ୍ଧା ପ୍ରାୟ ୧୦ ଲକ୍ଷ ଘରକୁ ବିଦ୍ୟୁତ ସରବରାହ ତ୍ୱରାନ୍ୱିତ ହୋଇପାରିଛି ଏବଂ ଆଜି ରାତି ସୁଦ୍ଧା ୯୦% ଘରକୁ ବିଦ୍ୟୁତ ସରବରାହ ପହଞ୍ଚାଇବା ଲକ୍ଷ୍ୟ ରହିଛି । ବାତ୍ୟାରେ ପ୍ରଭାବିତ ହୋଇଥିବା ୧୦୬ ଟି ୩୩ଲଙ୍କ ଫିଡରରୁ ୭୨ ଟି ପୁନଃ କାର୍ଯ୍ୟକ୍ଷମ ହୋଇସାରିଛି । ପ୍ରଭାବିତ ହୋଇଥିବା ୨୦୧ଟି ପ୍ରାଥମିକ ସବ୍ ଷ୍ଟେସନ ମଧ୍ୟରୁ ୧୧୬ଟି ସବ ଷ୍ଟେସନ କାର୍ଯ୍ୟକ୍ଷମ ହୋଇଛି । ସେହିପରି ବାତ୍ୟାରେ ପ୍ରଭାବିତ ହୋଇଥିବା ୯୦୯ଟି ୧୧ ଲଙ୍କ ଫିଡର ରୁ ୫୦୪ ଗୋଟି ଫିଡର ପୁନଃ କାର୍ଯ୍ୟକ୍ଷମ ହୋଇଛି ।ତଦନୁସାରେ ୮୦୧୩୫ ଟି ଡ଼ିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମଧ୍ୟରୁ ୩୯୯୦୩ ଗୋଟି ପୁନଃ କାର୍ଯ୍ୟକ୍ଷମ ହୋଇଛି । ପ୍ରାୟ ୧୧.୪ ଲକ୍ଷରୁ ଅଧିକ ଗ୍ରାହକଙ୍କ ବିଦ୍ୟୁତ ଯୋଗାଣ ପୁନଃସ୍ଥାପିତ ହୋଇପାରିଛି । ଏହି ସବୁ ପୁନଃରୁଦ୍ଧାର କାର୍ଯ୍ୟ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତରେ କରାଯାଇଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୨୬

# ଶୋକରୁ ମୁକ୍ତି


ଦେବଦତ୍ତ ବିଶ୍ୱାଳ

ଅନେକ ସମୟରେ ଆମେ ଆମ ନିତିଦିନିଆ ଜୀବନରେ କୌଣସି ସମସ୍ୟା, ଦୁର୍ଘଟଣା ବା ଶୋକଜନିତ ଅଘଟଣକୁ ନେଇ ମ୍ରିୟମାଣ ହୋଇଯାଉ । କିଛି କ୍ଷଣ ପାଇଁ ଆମକୁ ଦୁନିଆଟା ଖାପଛଡ଼ା ଲାଗେ କିନ୍ତୁ ନିତିଦିନିଆ ଜୀବନର ଚକ୍ର ଯେ ଭଗବାନଙ୍କ ଇଚ୍ଛାରେ ସଂଗଠିତ ହେଉଛି ଏବଂ ଆମେ କେବଳ ଜଣେ ଜଣେ କର୍ମବାଦୀ ଏହାକୁ ଭୁଲି ଯାଇଥାଏ । ଏହି ମର୍ମରେ ଅନେକ ଦିନ ତଳର ଏକ ଆଧାତ୍ମିକ ଆଲୋଚନାଟି ଏଠାରେ ଉପସ୍ଥାପନ କରୁଛୁ । ଜଣେ ପରୋପକାରୀ ଡାକ୍ତର ଥିଲେ । ତାଙ୍କର ଅନେକ ଭଲ ଗୁଣ ଥିଲା । ଚିକିତ୍ସାଳୟଟିଏ ଖୋଲି ରୋଗୀଙ୍କୁ ମାଗଣାରେ ସେବା କରୁଥିଲେ । ଉଦ୍ଦେଶ୍ୟ ଥିଲା ଚିକିତ୍ସା ସୁବିଧା ଅଭାବରୁ କୌଣସି ଗରିବ ଲୋକର ମରଣ ନହେଉ । ସବୁ କିଛି ଠିକ୍ ଚାଲିଥିଲା । ଦିନେ ହଠାତ୍ ଡାକ୍ତର ଖବର ପାଇଲେ, ତାଙ୍କର ଏକମାତ୍ର ପୁଅର ମୃତ୍ୟୁ ଘଟିଛି । ସେତେବେଳେ ଚିକିତ୍ସାଳୟରେ ଥିଲେ । ସବୁ ଶୁଣିଲେ ମାତ୍ର ରୋଗୀ ସେବା ବନ୍ଦ କଲେନାହିଁ । କାମ ସାରି ଘରକୁ ଗଲେ, ଶବ ସତ୍କାର ପରେ ଫେରିଲେ । ପୁଣି ରୋଗୀସେବାରେ ମନ ଦେଲେ ।

ପୁତ୍ରହରା ଶୋକ ତାଙ୍କ ମୁହଁରେ ଥିବା ଭଳି ଲାଗୁ ନଥିଲା । ହସି ହସି ରୋଗୀମାନଙ୍କୁ ଆଶ୍ୱାସନା ଦେଉଥିଲେ । ଏହି ସମୟରେ କେହି ଜଣେ ତାଙ୍କୁ ପଚାରିଲେ ଆଜ୍ଞା, ଘରୁ ଏତେ ଶୀଘ୍ର ଚାଲିଆସିଲେ । ଡାକ୍ତରଙ୍କ ଉତ୍ତର ଥିଲା ସଂକ୍ଷିପ୍ତ ଅଥଚ ଶିକ୍ଷଣୀୟ । ସେ କହିଲେ ମୋ ପୁଅ ଏ ଦୁନିଆରେ ଆଉ ନାହିଁ । ତାକୁ ସାହାଯ୍ୟ ସହଯୋଗ କରିବା ମୋ ପକ୍ଷେ ଅସମ୍ଭବ । କିନ୍ତୁ ଏଠାରେ ଚିକିତ୍ସିତ ହେଉଥିବା ଏବଂ ଚିକିତ୍ସା ଅପେକ୍ଷାରେ ଥିବା ରୋଗୀମାନଙ୍କୁ ତ ସାହାଯ୍ୟ କରିପାରିବି । ଏମାନଙ୍କ ପାଇଁ କିଛି କରିପାରିବାର ସୁଯୋଗ ଏବେ ମୋ' ହାତରେ ଅଛି । ଅଧୀର ହେଲେ, ରୋଗୀସେବାରେ ବାଧା ଆସିବ । ପ୍ରଶ୍ନକର୍ତ୍ତା ଡାକ୍ତରଙ୍କ ମହାନତା ବୁଝିଲେ । ଦୁଃଖ କିମ୍ବା ଶୋକ ସମୟରେ ଅଧୀର ହୁଅନାହିଁ । ନିଜର କର୍ତ୍ତବ୍ୟ କର୍ମକୁ ଗୁରୁତ୍ୱ ଦିଅ । ନିଜ ଉପରେ ନିୟନ୍ତ୍ରଣ ରଖ । ଶୋକରୁ ମୁକ୍ତି ମିଳିବ । ଜୀବନ ଶାନ୍ତିରେ କଟିବ ।

*ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,*
*ଦୂରଭାଷ : ୯୮୬୧୯୪୪୫୯୪*

# ଦୀପାବଳିର ଧର୍ମୀୟ ରହସ୍ୟ

ହିନ୍ଦୁଧର୍ମ ଓ ପରମ୍ପରାରେ ଦୀପାବଳି ପର୍ବପାଳନର ରହିଛି ଏକ ସ୍ୱତନ୍ତ୍ରତା । ଏହିଦିନ ପ୍ରତ୍ୟେକ ହିନ୍ଦୁ ପରିବାରରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ସହ ସଂନ୍ଧ୍ୟା ସମୟରେ ବଡ଼ବଡ଼ିଆଙ୍କୁ ଆବାହନ କରିଥାନ୍ତି । ବଡ଼ବଡ଼ିଆ ପିତୃପୁରୁଷଙ୍କୁ ଦୀପ ପ୍ରଦାନ କରି ପରିବାରର ସମସ୍ତ ସଦସ୍ୟ ନିଜ ଜୀବନରୁ ସମସ୍ତ ଅନ୍ଧକାରକୁ ଦୂରିଭୂତ କରିବା ପାଇଁ ସେମାନଙ୍କର ଆଶିର୍ବାଦ ଭିକ୍ଷା କରିଥାନ୍ତି । ତେଣୁ ବେଦୋକ୍ତି ଅନୁସାରେ "ଦୀପଂ ଜ୍ୟୋତି ପରଂବ୍ରହ୍ମ" ଏହି ଜ୍ୟୋତିର୍ମୟ ଦୀପ ହେଉଛି ପରଂବ୍ରହ୍ମ ସଦୃଶ । ଏହା ମଧ୍ୟ ସୃଷ୍ଟି ସ୍ଥିତି ଓ ପ୍ରଳୟର ଆଧାର । କାର୍ତ୍ତିକମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଭାରତର ପୁରପଲ୍ଲୀରେ ସର୍ବତ୍ର ଦୀପାବଳି ଉତ୍ସବ ବଡ଼ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରାଯାଇଥାଏ । ପରଂବ୍ରହ୍ମ ପରମାତ୍ମାଙ୍କ ସହିତ ମହାଶକ୍ତିଙ୍କର ଉପାସନା ଏବଂ ପିତୃପୁରୁଷଙ୍କର ମୁକ୍ତି କାମନା କରି ଏହି ପର୍ବ ପାଳନ କରାଯାଇଥାଏ ।

ଏହି ନିଆରା ପର୍ବ ପଛରେ ଲୁଚି ରହିଛି ଅନେକ ରୋଚକ କଥା । ପୁରାଣ ବର୍ଣ୍ଣିତ ଅନୁସାରେ ବିଷ୍ଣୁପ୍ରିୟା ମହାଲକ୍ଷ୍ମୀଙ୍କ ଜନ୍ମ ଦିବସକୁ ଦୀପାବଳି ରୂପେ ପାଳନ କରାଯାଇଥାଏ । ଆହୁରି ମଧ୍ୟ ପୁରାଣରେ ବର୍ଣ୍ଣନା କରାଯାଇଛି ପ୍ରବଳ ପ୍ରତାପୀ ବିଷ୍ଣୁଭକ୍ତ ପ୍ରହଲାଦଙ୍କ ପୌତ୍ର ବଳୀ ନିଜର ଭକ୍ତି ତଥା ତପସ୍ୟା ବଳରେ ମା ଲକ୍ଷ୍ମୀଙ୍କୁ କରାଗ୍ରତ କରିଥିଲା । ସେହି ବଳୀରାଜାର କରାଗ୍ରତରୁ ଲକ୍ଷ୍ମୀଙ୍କୁ ମୁକ୍ତିଦେବାପାଇଁ ଭଗବାନ ବିଷ୍ଣୁ ବାମନ ରୂପ ଧାରଣ କରି ରାଜା ବଳୀଙ୍କୁ ତ୍ରିପାଦ ଦାନ ମାଗି ବଳୀରାଜାର ସମସ୍ତ ଐଶ୍ୱର୍ଯ୍ୟ ନେଇଯାଇଥିଲେ । ଶେଷରେ ସତ୍ୟନିଷ୍ଠ ରାଜାବଳୀ ନିଜର ଗୁରୁଙ୍କୁ ଅବମାନନା କରି ନିଜର ବଚନରେ ସିଦ୍ଧହୋଇ ଭଗବାନଙ୍କୁ ତାଙ୍କର ତୃତୀୟ ପାଦ ରଖିବା ପାଇଁ ସ୍ୱ-ଶିର ସମର୍ପଣ କରିଥିଲେ । ଏବଂ ଭଗବାନ ବଳୀଙ୍କର ଦାନିପଣ ଏବଂ ଏକନିଷ୍ଠ ବାକ୍ୟ ଉପରେ ସନ୍ତୁଷ୍ଟ ହୋଇ ଚିରଞ୍ଜିବୀର ଆଶିର୍ବାଦ ପ୍ରଦାନ କରିବା ସହ ବଳୀରାଜା ଦ୍ୱାରରେ ରହିଥିଲେ । ଏହା ସମାଜକୁ ଏହି ଶିକ୍ଷା ପ୍ରଦାନକରେ ଉତ୍ତମ କାର୍ଯ୍ୟରେ ମଧ ଅହଂକାର କଲେ ତାର ପତନ ଅବଶ୍ୟମ୍ଭାବି । ଯାହା ବଳୀରାଜାଙ୍କ ଜୀବନରେ ଘଟିଥିଲା । ଭଗବାନଙ୍କ ସାନ୍ନିଧ ଲାଭ କରିଥିବାରୁ ସମଗ୍ର ପାତାଳବାସୀ ନାରାୟଣ ଓ ଲକ୍ଷ୍ମୀଙ୍କୁ ଦୀପ ପ୍ରଦାନକରି ଅହଙ୍କାର ରୂପି ଅନ୍ଧକାର ଉପରେ ଜ୍ଞାନରୂପକ ଆଲୋକକୁ ପ୍ରଜ୍ଜ୍ୱଳିତ କରିବା ଦ୍ୱାରା "ମୁଁ" ରୂପକ ଅହଙ୍କାରୀ ଶବ୍ଦର ବିଲୟଘଟିଥାଏ । ପୁରାଣରୁ ଆହୁରି ମଧ ଜଣାଯାଏ ଯେ ୧୪ବର୍ଷ ବନବାସର ଅବଧି ପରେ କରୁଣାଳୟ ରାଘବେନ୍ଦ୍ର ସରକାରଙ୍କର ଅଯୋଧ୍ୟା ଆଗମନରେ ସମଗ୍ର ଅଯୋଧ୍ୟାବାସୀ ଅଯୋଧ୍ୟାକୁ ଦୀପଜଳାଇ ପୁରୁଷୋତ୍ତମଙ୍କୁ ସ୍ୱାଗତ କରିଥିଲେ । ରାମାୟଣରେ ସେଥିପାଇଁ ତୁଳସୀ ଦାସ କହିଛନ୍ତି "ଯାହା ରାମ ତହିଁ ଅବଧ ନିବାସା" ଯେଉଁଠାରେ ରାମ ଥାନ୍ତି


ଉମାଶଙ୍କର ପ୍ରସାଦ

ସେହି ସ୍ଥାନହିଁ ଅବଧ ବୋଲାଏ । ଆଉ ଏକ ପୁରାଣ କାହାଣୀରୁ ଜଣାଯାଏ ଯେତେବେଳେ ସମସ୍ତ ଅସୁର ତଥା ମହିଷାସୂରଙ୍କୁ ବଧକରି ମା ଦୁର୍ଗା କ୍ରୋଧରେ ଅଗ୍ନିବର୍ଣ୍ଣ ହୋଇଥିଲେ,ତାଙ୍କୁ ଶାନ୍ତ କରିବା ପାଇଁ ସମସ୍ତ ଦେବତାମାନେ ଦେବଦେବ ମହାଦେବଙ୍କ ଶରଣାପନ୍ନ ହେବାରୁ ମହାଦେବ ଦୁର୍ଗାଙ୍କୁ ଶାନ୍ତ କରିବା ପାଇଁ ମେରୁଶିଖରରୁ ମାଙ୍କ ପ୍ରତ୍ୟାବର୍ତ୍ତନ ରାସ୍ତାରେ ଶୋଇ ପଡ଼ିବାରୁ ମାଙ୍କ ପାଦ ପ୍ରଭୁଙ୍କ ବକ୍ଷରେ ପଡ଼ିଯିବାରୁ ସେ ଜିଭ କାମୁଡ଼ି ଦେଇଥିଲେ । ଏବଂ ପଶ୍ଚାତାପ କରିଥିଲେ । ସେହି ଦିନଠାରୁ ତାଙ୍କର ରୂପ ଆହ୍ଲାଦିନୀ ମହାକାଳୀ ରୂପେ କୃଷ୍ଣଚତୁର୍ଦ୍ଦଶୀରେ ପୂଜିତ ହୁଅନ୍ତି ।

ଏହି ଦୀପାବଳି ପରମ୍ପରାରେ ଲୁଚିରହିଛି ସ୍ୱାସ୍ଥ୍ୟ ଜନିତ ଏକ ଧର୍ମୀୟ ରହସ୍ୟ । ଦୀପାବଳି ପୂର୍ବଦିନ ଅର୍ଥାତ୍ କାର୍ତ୍ତିକ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଭଗବାନ ଧନ୍ୱନ୍ତରୀଙ୍କୁ ସମଗ୍ର ମାନବ ସମାଜ ନିଜର ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା କରିବାର ବିଧି ଅଦ୍ୟାବଧି ଗଢ଼ିଆସୁଅଛି । ହିନ୍ଦୁ ଶାସ୍ତ୍ରର ୫୬ ପୁରାଣ ତଥା ଉପ ପୁରାଣରୁ ଜଣାଯାଏ ସାଗର ମନ୍ଥନ ସମୟରେ ଧନ୍ୱନ୍ତରି ଅମୃତ କଳସ ଧରି ଚତୁର୍ଦ୍ଧା ମୁରତି ରୂପରେ ଅନ୍ୟ ହାତମାନଙ୍କରେ ବିଭିନ୍ନ ଜଡ଼ିବୁଟି, ଶଙ୍ଖ ତଥା ଆୟୁର୍ବେଦ ଶାସ୍ତ୍ର ଧରି ବାହାରିଥିଲେ । ତାଙ୍କ ହାତରୁ ଅମୃତକୁ ଦୈତ୍ୟମାନେ ଛଡ଼ାଇନେଇ ଥିଲେ ଏବଂ ବିଷ୍ଣୁ ମୋହିନୀରୂପ ଧାରଣ କରି ସେହି ଅମୃତକୁ ସେମାନଙ୍କ କବଳରୁ ରକ୍ଷାକରି ଦେବତାମାନଙ୍କୁ ସମର୍ପଣ କରିଥିଲେ । ତେଣୁ ଧନ୍ୱନ୍ତରିଙ୍କୁ ଭଗବାନ ବିଷ୍ଣୁଙ୍କ ଅବତାର ରୂପେ ବିବେଚନା କରି ବୈଷ୍ଣବ ମନ୍ତ୍ରରେ ପୂଜା କରାଯାଏ । ସେହି ଦେବ ଧନ୍ୱନ୍ତରୀ ସ୍ୱର୍ଗାଧିପତି ଇନ୍ଦ୍ରଙ୍କ ଠାରୁ ଆୟୁର୍ବେଦ ଶିକ୍ଷା ଲାଭକରି ଦେବବୈଦ୍ୟ ହୋଇଥିଲେ । ଶଲ୍ୟତନ୍ତ୍ର ପ୍ରାଧାନ୍ୟ ସୁଶ୍ରୁତ ସଂହିତା ଅନୁଯାୟୀ ଧନ୍ୱନ୍ତରି ପରବର୍ତ୍ତୀକାଳରେ ପୃଥିବୀରେ ଅବତୀର୍ଣ୍ଣ ହୋଇ ସୁଶ୍ରୁତ ଆଦି ସାତଜଣ ଶିଷ୍ୟଙ୍କୁ ପ୍ରଥମେ ଶଲ୍ୟତନ୍ତ୍ରକୁ ଶ୍ରେଷ୍ଠମାନ୍ୟତା ଦେଇ ଆୟୁର୍ବେଦ ଶିକ୍ଷା ଦେଇଥିଲେ । ଯାହା ବର୍ତ୍ତମାନ ସୁଦ୍ଧା ଚଳିଆସୁଅଛି । ଏହି ଦୃଷ୍ଟିରୁ ଅଦ୍ୟାବଧି ଶଲ୍ୟ ଚିକିତ୍ସା କରୁଥିବା ବୈଦ୍ୟମାନଙ୍କୁ ଧନ୍ୱନ୍ତରି ଉପାଧିରେ ଭୂଷିତ କରାଯାଉଅଛି । ଆୟୁର୍ବେଦର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ମାନବ ସମାଜକୁ ଦୀର୍ଘାୟୁ କରିବା ଏବଂ ଚତୁର୍ବର୍ଗ ତଥା "ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରଦାନ କରିବା । ତେଣୁ ଶାସ୍ତ୍ରରେ ଅଛି "ଧର୍ମାର୍ଥ କାମ ମୋକ୍ଷାଣାଂ ଆରୋଗ୍ୟ ମୂଳ ମୃତ୍ତମମ୍" ଜଣେ ରୋଗୀ ପକ୍ଷରେ ଚତୁର୍ବର୍ଗ ପ୍ରାପ୍ତି ସମ୍ଭବ ନୁହେଁ ତେଣୁ ଆୟୁର୍ବେଦ ଭିତରେ ବୁଡ଼ି ରହିଛି ଏକ ବିରାଟ ଜୀବନର ତତ୍ତ୍ୱ । ତେଣୁ ହିନ୍ଦୁ ଧର୍ମରେ ଏହି ଦିନକୁ ସମସ୍ତ ହିନ୍ଦୁପରିବାରର ସମସ୍ତ ପ୍ରାଣୀ ଧନତ୍ରୟୋଦଶୀ ତଥା ଧନତେରାସ୍ ଭାବେ ପାଳନ କରିଥାନ୍ତି ।

ଏହି ଦୀପାବଳି ତଥା ଧନତେରାସ୍ ପରମ୍ପରାକୁ ସମଗ୍ର ହିନ୍ଦୁ ସମାଜ ପାଳନକରି ନିଜର ଜୀବନରେ ଥିବା ଅହଙ୍କାର ରୂପି ଅନ୍ଧକାରକୁ ଜ୍ଞାନାଞ୍ଜନ ଆଲୋକରେ ଆଲୋକିତ କରିଥାଏ । ଏହି ପବିତ୍ର ଦିନଟିକୁ ସମଗ୍ର ମାନବ ସମାଜ ତଥା ପ୍ରତ୍ୟେକ ପରିବାର ଏକ ନୀତି ଓ ନିୟମ ଅନୁସାରେ ପାଳନ କରି ବିଭିନ୍ନ ପ୍ରକାର ଆତଶବାଜିକୁ ପୋଡ଼ି ଦେବା ସଂସ୍କୃତିରୁ କ୍ଷାନ୍ତ ରହିଲେ ଏ ପରମ୍ପରା ଆହୁରି ସୁଖ ଓ ସମୃଦ୍ଧି ଆଣିବ । ଆମ୍ଭେମାନେ ଯେଉଁ ଲକ୍ଷ୍ମୀଙ୍କ ପାଇଁ ଏହି ପୂଜା କରୁଛେ, ସେହି ଲକ୍ଷ୍ମୀଙ୍କୁ ବାଣ ରୂପରେ ପୋଡ଼ି ଦେଇ ଏହି ପରମ୍ପରାକୁ ପାଳନ କରିବା କେତେଦୂର ବିଧେୟ ତାହା ସମାଜର ବୁଦ୍ଧିଜୀବିମାନେ ବିଚାର କରିବେ । ଏ ପବିତ୍ର ଦୀପାବଳି ସମଗ୍ର ସମାଜରୁ ଅନ୍ୟାୟ ରୂପି ଅନ୍ଧକାରକୁ ଦୂରିଭୂତ କରି ଜ୍ଞାନଲୋକ ପ୍ରଦାନ କରୁ ଏହାହିଁ କାମନା ।

କିମଧିକମ୍

ସ୍ତମ୍ଭକାର, ଖୋର୍ଦ୍ଧା,
ମୋ.ନଂ-୬୩୭୦୬୭୫୫୬୨

# ପଣ୍ଡିତ ଗୋଦାବରୀଶ ମିଶ୍ର


ଯଶସ୍ୱିନୀ ପଟ୍ଟନାୟକ

ଓଡ଼ିଶାର ଶିକ୍ଷା, ସାହିତ୍ୟ ଓ ରାଜନୀତି କ୍ଷେତ୍ରକୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଅବଦାନ ଅତୁଳନୀୟ । ପଣ୍ଡିତ ଗୋପବନ୍ଧୁ ଦାସ ହିଁ ଥିଲେ ତାଙ୍କ ଜୀବନର ଆଦର୍ଶ ଓ ପ୍ରେରଣାର ଉତ୍ସ । ଏକାଦଶ ଶ୍ରେଣୀରେ ପଢୁଥିବାବେଳେ ପୁରୀ ବଡ଼ଦାଣ୍ଡରେ ପଣ୍ଡିତ ଗୋପବନ୍ଧୁଙ୍କ ଭାଷଣ, ତାଙ୍କୁ ଉଦ୍‌ବୁଦ୍ଧ କରିଥିଲା ଏବଂ ଦେଶ ସେବା ପାଇଁ ସେ ସଂକଳ୍ପ ନେଇଥିଲେ । ଗୋଦାବରୀଶ ଥିଲେ ଉଚ୍ଚଶିକ୍ଷିତ ଓ ଶିକ୍ଷାପ୍ରେମୀ । ରେଭେନ୍ସାରୁ ଦର୍ଶନ ଶାସ୍ତ ଓ କଲିକତାରୁ ଅର୍ଥଶାସ୍ତ୍ରରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ପରେ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ସୀମା ଆନ୍ଦୋଳନରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଅସହଯୋଗ ଆନ୍ଦୋଳନରେ ଯୋଗ ଦେବା ସହିତ କିଛି କାଳ କଂଗ୍ରେସ ରାଜନୀତି ସହ ସେ ସଂପୃକ୍ତ ଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱରେ ଗଠିତ ପ୍ରାଦେଶିକ ମନ୍ତ୍ରୀମଣ୍ଡଳରେ ଗୋଦାବରୀଶ ଥିଲେ ଅର୍ଥ ଓ ଶିକ୍ଷା ବିଭାଗର ମନ୍ତ୍ରୀ । ୧୯୫୨ରେ ସେ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଗୋଦାବରୀଶଙ୍କ ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, ହାଇକୋର୍ଟ ଆଦି ସ୍ଥାପିତ ହୋଇଥିଲା । କବିତା, ଉପନ୍ୟାସ, ଗଳ୍ପ, ନାଟକ, ପ୍ରବନ୍ଧ, ଜୀବନୀ ଓ ଆତ୍ମଜୀବନୀ ପର୍ଯ୍ୟନ୍ତ ତାଙ୍କ ସାରସ୍ୱତ ସୃଷ୍ଟି ପରିବ୍ୟାପ୍ତ । 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' ଗୋଦାବରୀଶଙ୍କ ପ୍ରସିଦ୍ଧ ଆତ୍ମଜୀବନୀ । ଏହାକୁ ସେ ଦୁଇଟି ଭାଗରେ ବିଭକ୍ତ କରି ୧୯୫୧ରେ ଲେଖିବା ଆରମ୍ଭ କରିଥିଲେ । ପ୍ରଥମ ଖଣ୍ଡରେ ପଞ୍ଚାଳିଶଟି ଓ ଦ୍ୱିତୀୟ ଖଣ୍ଡରେ ଚାଳିଶଟି ଅଧ୍ୟାୟ ପାଇଁ ସୂଚୀପତ୍ର ପ୍ରସ୍ତୁତ ସରିଥିଲା । କିନ୍ତୁ ୧୯୫୬ରେ ତାଙ୍କ ପରଲୋକ ବେଳକୁ ଏହା ଅସମାପ୍ତ ଥିଲା । ଅସଂପୂର୍ଣ୍ଣ ଆତ୍ମଜୀବନୀର ପ୍ରଥମ ଭାଗ ପ୍ରକାଶିତ ହୋଇଥିଲା । ୧୯୫୮ରେ ଆଉ ସେହି ବର୍ଷ ହିଁ ୨୧୬ ପୃଷ୍ଠାର କଳେବର ବିଶିଷ୍ଟ ଏହି ଆତ୍ମଜୀବନୀକୁ ମିଳିଥିଲା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ମରଣୋତ୍ତର ପୁରସ୍କାର । ଗୋଦାବରୀଶ ଥିଲେ ସତ୍ୟନିଷ୍ଠ ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଓ ଯଥାର୍ଥ ପୂଜାରୀ । ୧୮୮୬ ଅକ୍ଟୋବର ଆଜିର ଦିନରେ ବାଣପୁର ଅନ୍ତର୍ଗତ ଶ୍ରୀନିବାସପୁର ଶାସନରେ ପୁଣ୍ୟାତ୍ମା ଗୋଦାବରୀଶ ଜନ୍ମ ହୋଇଥିଲେ ।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ଓଡିଶାରେ ବାତ୍ୟାର ଇତିହାସ- ଏକ ସମୀକ୍ଷା


ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତ ଇତିହାସରେ ସବୁଠାରୁ ପ୍ରଳୟଙ୍କରୀ ବାତ୍ୟା ଆସିଥିଲା ୧୯୯୯ ମସିହାରେ । ଆଣ୍ଡାମାନ ସାଗରରେ ୨୫ ଅକ୍ଟୋବରରେ ସୃଷ୍ଟି ହୋଇ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇ ମହାବାତ୍ୟା ରୂପ ନେଇଥିଲା । ଜଗତସିଂହପୁର ଜିଲ୍ଲାରେ ଅକ୍ଟୋବର ୨୯ ତାରିଖରେ ଏହା ସ୍ଥଳଭାଗ ଅତିକ୍ରମ କରିଥିଲା । ବାତ୍ୟା ସ୍ଥଳଭାଗରେ ମାଡ ସମୟରେ ଘଣ୍ଟା ପ୍ରତି ୨୬୦ କି.ମି ବେଗରେ ପବନ ବହିଥିଲା । ଫଳରେ ଜଗତସିଂହପୁର ଜିଲ୍ଲା ସମେତ ଉପକୂଳିଆ ଜିଲ୍ଲାଗୁଡିକ ଛାରଖାର ହୋଇଯାଇଥିଲା । ବାତ୍ୟା ମାଡ ହେବା ପରେ ସମୁଦ୍ରରେ ୧୫ରୁ ୨୦ ଫୁଟ ଉଚ୍ଚର ଜୁଆର ଉଠିବା ସହିତ ପ୍ରାୟ ୩୫ କି.ମି ପର୍ଯ୍ୟନ୍ତ ସମୁଦ୍ର ପାଣି ମାଡି ଆସିଥିଲା । ଏହି ବାତ୍ୟାରେ ସରକାରୀ ଭାବେ ରାଜ୍ୟରେ ପ୍ରାୟ ୧୦ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୧ କୋଟି ୨୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ । ୧୮ଲକ୍ଷରୁ ଅଧିକ ଘର ମାଟିରେ ମିଶିଥିଲା । ଅଦ୍ୟାବଧି ଏହାକୁ ଭାରତର ସବୁଠାରୁ ବଡ ବାତ୍ୟା ଭାବେ ବେବେଚନା କରାଯାଉଛି । ଏହି ବାତ୍ୟାକୁ ଏବେ ୨୪ ବର୍ଷରେ ପହଞ୍ଚିଛି । ସେହିପରି ୧୯୯୯ ମହାବାତ୍ୟାକୁ ଛାଡ଼ି ଦେଲେ ୨୦୧୩ ଅକ୍ଟୋବର ୧୨ରେ ଫାଇଲିନ୍ ଓ ୨୦୧୪ ଆକ୍ଟୋବର ୧୨ରେ ହୁଡୁହୁଡୁ ଓଡ଼ିଶାରେ ହା'ହା'କାର ସୃଷ୍ଟି କରିଥିଲା । ଏହିସବୁକୁ ରାଜ୍ୟବାସୀ ସାମ୍ନା କରିଛନ୍ତି ଓ ଏହି ଦିନ ଗୁଡ଼ିକ ଅଭୁଲା ସ୍ମୃତି ହୋଇ ରହିଛି ।

ପ୍ରାକୃତିକ ବିପର୍ଯ୍ୟୟର ଚିରସହଚର ହୋଇଛି ଓଡ଼ିଶା । ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟ ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା । ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡିଶା । ଏ ପ୍ରସଙ୍ଗରେ ଜଣାପଡିଛି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା । ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି । ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ । ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ । ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି । ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି ।ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି ।ଜଳବାୟୁ ପରିବର୍ତ୍ତନ ଆମ ପାଇଁ ବିପଦକୁ ଡାକି ଆଣୁଛି । ଏନେଇ ସାମୁଦ୍ରିକ ବିଜ୍ଞାନୀମାନେ ଅଙ୍କକଷା ଆରମ୍ଭ କରିଛନ୍ତି । ଏହି ଜଳ ବାୟୁ ପରିବର୍ତ୍ତନ ପ୍ରଭାବରେ ସମୁଦ୍ର ପୂର୍ବାପେକ୍ଷା ଅଧିକ ଉତ୍ତପ୍ତ ରହୁଛି । ଫଳରେ ପ୍ରତିବର୍ଷ ହାରାହାରି ଗୋଟିଏ ବଡ ବାତ୍ୟା ରାଜ୍ୟର ମେରୁଦଣ୍ଡ ଉପରେ ପ୍ରଚଣ୍ଡ ଆଘାତ ଦେଉଛି । ସୂଚନାଯୋଗ୍ୟ ଯେ, ଗତ ୩ବର୍ଷ ମଧ୍ୟରେ ପାଖା ପାଖି ଦେଢଲକ୍ଷ ଘର ମାଟିରେ ମିଶିଛି । ୭ଲକ୍ଷ ହେକ୍ଟର ଜମିର ଫସଲ ଉଜୁଡିଛି । ୪ହଜାରରୁ ଉର୍ଦ୍ଧ୍ୱ ଗୋସମ୍ପଦ ନଷ୍ଟ ହୋଇଛନ୍ତି । ଏଥିରୁ ଜଣା ପଡୁଛି ଯେ, ଓଡିଶା ଏବେ ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ରାଜ୍ୟ ହୋଇପଡିଛି । ଯଦିଓ ୧୮୯୧ରୁ ୨୦୨୧ମସିହା ମଧ୍ୟରେ ବାତ୍ୟା ସଂଖ୍ୟା ଧୀରେଧୀରେ କମିବାରେ ଲାଗଛି ତଥାପି ଆସୁଥିବା ବାତ୍ୟାର ପ୍ରକୋପ ପୂର୍ବ ତୁଳନାରେ ଅଧିକ ରହୁଛି । ଚଳିତ ବର୍ଷ ଲଘୁଚାପ ବର୍ଷା ଓଡିଶା ପାଇଁ ବାତ୍ୟା ଓ ବନ୍ୟାଡର ସୃଷ୍ଟି କରିଛି । ସେପ୍ଟେମ୍ବର ଗୋଟିଏ ଲଘୁଚାପ ଓ ଲଗାଣ ବର୍ଷା ନଯାଉଣୁ ପୁଣି ୨୫ ତାରିଖ ବେଳକୁ ଆଉ ଏକ ଘୁର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା ପରେ ବାତ୍ୟା ଗୁଲାବ ବିପଦ ଟଳିଯାଇଥିଲା ।ଚଳିତ ବର୍ଷ ବଙ୍ଗୋପ ସାଗରରୁ ବାରମ୍ବାର ଲଘୁଚାପ ସୃଷ୍ଟି ହେବାରେ ଲାଗିଛି । ଗତ ସେପ୍ଟେମ୍ବରରେ ୪ଟି ଲଘୁଚାପ ସହ ଗୋଟିଏ ବାତ୍ୟା ପରେ ଏବେ ଅକ୍ଟୋବରରେ ବି ଲଘୁଚାପ ଦାନା ବାନ୍ଧିବା ଆରମ୍ଭ କରିଛି ।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଭୟ ଲୋକଙ୍କୁ ଘାରୁଛି । ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଡର । ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି । ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଛି । ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ ଏହାର ପ୍ରଭାବ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ଇତି ମଧ୍ୟରେ ବାତ୍ୟା ଦାନା ଭିତକନିକାରୁ ଧାମରା ମଧ୍ୟରେ ରାତି ୧୨ଟାରେ ଏହି ଲ୍ୟାଣ୍ଡଫଲ ପ୍ରକ୍ରିୟା ୨୫ ଭୋର ୫ଟା ପର୍ଯ୍ୟନ୍ତ ଜାରି ରହିଥିଲା । ସ୍ଥଳଭାଗକୁ ପ୍ରବେଶ କରିବା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିଲୋମିଟର ଥିଲା । ଏହାର ପ୍ରଭାବରେ ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାରେ ବ୍ୟାପକ କ୍ଷତି ଘଟାଇଛି । ଉପକୂଳବର୍ତ୍ତୀ କିଛି ଗାଁରେ ମାଟିଘର ଭାଙ୍ଗିବା ସହ ଚାଳଘର ଗୁଡିକର ଛପର ଉଡିଯାଇଛି । ଏଥିସହିତ ଜଗତସିଂହପୁର ଯାଜପୁର, ବାଲେଶ୍ୱର ଜିଲ୍ଲାରେ ଏହାର ପ୍ରଭାବ ମଧ୍ୟ ଅନୁଭୂତ ହୋଇଛି । ବ୍ୟାପକ ପରିମାଣରେ ଧାନଫସଲ କ୍ଷତି ହୋଇଥିବାର ଜଣାପଡିଛି । ସେହି ଅଶୁଭ ଶୁକ୍ରବାର ୧୯୯୯ମସିହାର ମହାବାତ୍ୟ ଘଟିଥିଲା ଉପକୂଳ ଓଡିଶାରେ ତାଣ୍ଡବ । ସେହିପରି ୨୦୧୯ରେ ଫନି ଓ ଏବେ ବାତ୍ୟା ଦାନାର ପ୍ରଭାବ ପରିଲକ୍ଷିତ ହୋଇଛି । ବାତ୍ୟାପରେ ବନ୍ୟା ହେବା ନେଇ ଆଇଏମ୍‌ଡି ମାହାନିର୍ଦ୍ଦେଶକ କହିଛନ୍ତି । ପୂର୍ବରୁ ଯେଉଁ ।।କଳନ କରାଯାଇଥିଲା । ସେଠାରେ ହିଁ ବାତ୍ୟା ଲ୍ୟାଣ୍ଡଫଲ୍ କରିଛି । ସେ ଆହୁରି କହିଛନ୍ତି ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବ ଓ ପର ୬ଘଣ୍ଟା ସବୁବେଳେ ଗୁରୁତ୍ୱପୂର୍ଣ୍ଣ । ୧୯୯୯ ମସିହାର ଛାତିଥର ଦୃଶ୍ୟକୁ ଯିଏ ଦେଖିଛି ଆଜି ପର୍ଯ୍ୟନ୍ତ ତାହା ମନରୁ ଲିଭିନି ଏହାର ଠିକ୍ ୨୦ବର୍ଷ ପରେ ୨୦୧୯ ମେ ୩ତାରିଖ । ପୁଣିଥରେ ସେଇ ଶୁକ୍ରବାର ପ୍ରକୃତି ଦେଖାଇଲା ତାର ରୂପ । ବାତ୍ୟା ଫନି ସକାଳୁ ସକାଳୁ ଉପକୂଳ ଓଡିସାକୁ ମାଡକଲା । ଲୋକଙ୍କ ଠାରୁ ।ନେକ କିଛି ଛଡାଇନେଇଥିଲା । ମହାବାତ୍ୟା ପରି ଫନିର ତାଣ୍ଡବ ଲୋକଙ୍କ ଦୁର୍ଦ୍ଦଶା ବଢାଇ ଦେଇଥିଲା । ଅନେକ ଜିଲ୍ଲା ଛାରଖାର ହୋଇଯାଇଥିଲା । ୧୯୯୯ରୁ ୨୦୧୯ ଭିତରେ ମହାବାତ୍ୟା ସହିତ ଫାଇଲିନ୍ , ହୁଡ୍‌ହୁଡ୍ ,ତିତିଲି ଭଳି ବାତ୍ୟାକୁ ଓଡିଶା ସାମ୍ନା କରିଛି । ସଂଯୋଗ ବଶତଃ ୨୦୨୪ ଅକ୍ଟୋବର ୨୫ ଅର୍ଥାତ୍ ପୁଣି ସେଇ ଶୁକ୍ରବାର । ଭିତର କନିକା ଧାମରା ମଧ୍ୟରେ ଉପକୂଳ ଓଡିଶାରେ ମାଡହୋଇଛି ବାତ୍ୟା ଦାନା ଦିନେ ଦୁଇଦିନ ଭିତରେ ଏହାର କ୍ଷୟକ୍ଷତି ଆକଳନ କରାଯିବ ବୋଲି ଆଶା କରାଯାଉଛି । ଏହାର ମୁକାବିଲା ପାଇଁ ସରକାର ସଜାଗ ରହିଥିଲେ । ସେଥିପାଇଁ ରାଜ୍ୟସରକାର ଓ ବିଭିନ୍ନ ବିଭାଗ ପ୍ରଶଂସାଯୋଗ୍ୟ । ଏଥିରୁ ଗୋଟିଏ କଥା ସ୍ପଷ୍ଟ ପ୍ରାକୃତିକ ବିପର୍ଯ୍ୟୟର ରାଜ୍ୟ ହେଉଛି । ଆମ ଓଡିଶା ବାତ୍ୟା ଓ ବନ୍ୟା ଆମର ଚିରସହଚର ୧୯୯୯ ମହାବାତ୍ୟା ଠାରୁ ଆରମ୍ଭ କରି ଫାଇଲିନ୍ ହୁଡ୍‌ହୁଡ୍, ଫନି, ତିତିଲି ପରି କେତେ ବାତ୍ୟା ଆସିଛି ଆମକୁ ଡରାଇଛି ପୁଣି ଚାଲିଯାଇଛି । ସବୁକୁ ଆମେ ସାମ୍ନା କରିଛେ । ସବୁଠୁ ବଡକଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆମେ ସତର୍କ ଓ ସଚେତନ ରହିବା ନିତାନ୍ତ ଆବଶ୍ୟକ । ଏହାଦ୍ୱାରା ଆମ ଧନ ଜୀବନ ସୁରକ୍ଷିତ ରହିପାରିବ ।

*ସଭାପତି, ସାରସ୍ୱତ ପରିଷଦ,*
*ଜଗତସିଂହପୁର*
*ମୋ-୯୯୩୭୧୫୧୦୫୨*

# ସ୍ୱାଦିଷ୍ଟ କଖାରୁ


ବିପିନ ବିହାରୀ ରାଉତ

ଆମ ନିତିଦିନିଆ ପରିବା ତାଲିକାରେ କଖାରୁ ଏକ ସ୍ୱାଦିଷ୍ଟ ପରିବା । ଓଡ଼ିଶାରେ ପ୍ରାୟତଃ ଏହି ପ୍ରିୟ ପରିବାଟି ଆମ୍ଭ ମାନଙ୍କର ବାଡ଼ି ବଗିଚାରେ ସ୍ଥାନ ନେଇଥାଏ । କଖାରୁ ଛୋଟ ବେଲୁ ଅର୍ଥାତ୍ କଷି ବେଲୁ ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥାଏ । କଖାରୁ ଏକ ଏପରି ପାଟି ଟକଳା ଲୋକପ୍ରିୟ ପରିବାଟି ଯେ ଏହା ତରକାରୀ ଠାରୁ ଡାଲମା ସବୁଥିରେ ଖୋଜା ପଡ଼ିଥାଏ । ବିଶେଷକରି ଏବେ ପୁଣ୍ୟ କାର୍ତ୍ତିକ ଚାଲିଥିବାରୁ, କାର୍ତ୍ତିକର ହବିଷ ଡାଲମାରେ କଖାରୁ ନ ପଡ଼ିଲେ ଡାଲମାଟି ଯେପରି ଅଧୁରା ରହିଯାଏ । କଖାରୁଟି ଏପରି ଏକ ପ୍ରିୟ ପରିବା ଏହା ପ୍ରାୟତଃ ଗ୍ରାହକର ପକେଟକୁ ବାଧି ନଥାଏ । ଅନେକ ନିଶ୍ଚିନ୍ତ ପୁରୁଣା କଖାରୁର ସ୍ୱାଦ ବେଶ ଭଲ ଭାବେ ଅନୁଭବ କରିଥିବେ । ନାଲି ରଙ୍ଗର ପୁରୁଣା କଖାରୁରେ ଓଉ, ସାରୁ, ମାଟିଆଳୁ ଓ ବଡ଼ୁରା ଯାଇଥିବା ନାଲି ସୋଲା ପକାଯାଇ ଯେଉଁ ସ୍ୱାଦିଷ୍ଟ ତରକାରୀଟି କରାଯାଏ ତାହାର ସ୍ୱାଦ ଅନେକ ନେଇଥିବେ । କେବଳ କଖାରୁ ନୁହେଁ ଏହାର ପତ୍ର ଓ ଡଙ୍କ ମଧ୍ୟ ଏକ ପ୍ରିୟ ବ୍ୟଞ୍ଜନ ପ୍ରସ୍ତୁତିରେ ଲୋଡ଼ା ପଡ଼ିଥାଏ । ଏହି କଖାରୁର ଆଉ ଏକ ଆକର୍ଷଣୀୟ ଚିତ୍ର ହେଉଛି ଓଡ଼ିଶାର ଗାଁ ଗଣ୍ଡାରେ ଏହା ଲୋକମାନଙ୍କ କେବଳ ଚାଳ ଘର ଉପରେ ନୁହେଁ ଆଜିକାଲି କୋଠାଘର ଉପରେ ଖୋଲା ଛାତରେ ଲୋକମାନେ ମଧ ଏହାର ଚାଷ କଲେଣି । ପ୍ରତି ବର୍ଷ ଅକ୍ଟୋବରା ୨୬ରେ ପାଳନ କରାଯାଏ କଖାରୁ ଦିବସ । ଏହାର ଉତ୍ପତ୍ତି ଆମେରିକାରୁ । ଏହାକୁ ଗ୍ରୀକ୍ ଭାଷାରେ କୁହାଯାଏ ପିପନ୍ ଏହାର ଓଡ଼ିଆ ଭାଷାନ୍ତର ହେବ ବଡ଼ ତରଭୁଜ । ପିପନ୍ କୁ ଫରାସୀମାନେ କହିଲେ ପମ୍ପନ୍, ବ୍ରିଟିସମାନେ ପମ୍ପିଅନ୍ । ଶେଷରେ ମାର୍କିନମାନେ କହିଲେ ପଂପକିନ । ଅର୍ଥାତ୍ ପିପନ୍ କ୍ରମେ ପଂପକିନ୍‌ରେ ପରିଣତ ହୋଇଛି । ଆଣ୍ଟାର୍କଟିକା ଛଡ଼ା ବିଶ୍ୱର ଅନ୍ୟ ସମସ୍ତ ଅଞ୍ଚଳରେ ଏହା ଚାଷ କରାଯାଉଛି । କଖାରୁ ଉତ୍ପାଦନରେ ଯୁକ୍ତରାଷ୍ଟ୍ର ଆମେରିକା ବିଶ୍ୱରେ ପ୍ରଥମ । ସେଠାରେ ବାର୍ଷିକ ଶହେ ପଚାଶ କୋଟି ପାଉଣ୍ଡରୁ ଅଧିକ ଓଜନର କଖାରୁ ଅମଳ ହୁଏ । ସବୁଠାରୁ ଅଧିକ ହୁଏ ଇଲନଏସରେ । ଇଲନ୍‌ଏସର ମର୍ଟନକୁ ବିଶ୍ୱର କଖାରୁ ରାଜଧାନୀ କୁହାଯାଏ । ଆମେରିକାର ଅଶୀ ପ୍ରତିଶତ କଖାରୁ ଅକ୍ଟୋବରରେ ହିଁ ଅମଳ ହୁଏ । ୨୦୧୬ ଅକ୍ଟୋବରରେ ଜର୍ମାନିରେ ୨୬୦୦ ପାଉଣ୍ଡ ଓଜନର କଖାରୁଟିଏ ଫଳିଥିଲା । ଗିନିଜ ବୁକ ଅନୁଯାୟୀ ସେଇଟି ଅଦ୍ୟାବଧି ବିଶ୍ୱରେ ବୃହତ୍ତମ । କଖାରୁର ଆକାର ସହ ତା ଭିତରେ ଥିବା ମଞ୍ଜିର ସଂପର୍କ ନାହିଁ । କଖାରୁ ଛୋଟ ହେଉ ବା ବଡ଼ ପ୍ରତିଟିରେ ପ୍ରାୟ ପାଞ୍ଚଶହ ମଞ୍ଜି ଥାଏ । ବିଶ୍ୱରେ ମୋଟ ପଞ୍ଚାଳିଶ ପ୍ରକାରର କଖାରୁ ମିଳେ । ରଙ୍ଗ ମୁଖ୍ୟତଃ ହଳଦିଆ, ଲାଲ ଓ ସବୁଜ । କେତେକର ନାମ ଅତି ବିଚିତ୍ର ଯଥା ହୁଲିଗାନ, କଟନ କ୍ୟାଣ୍ଡି, ଅରେଞ୍ଜି ସ୍ମୁଥୀ କଖାରୁର ନବେ ପ୍ରତିଶତ ଜଳ । ତେଣୁ ଖାଇଲେ ବିଶେଷ କାଲୋରି ମିଳେନାହିଁ । ଏହାକୁ ପରିବା ଭାବେ ଗଣାଯାଉଥିଲେ ହେଁ ଏହା ଫଳ । କଖାରୁ ଗଛର ପତ୍ର, ଫୁଲ, ଫଳ, କାଣ୍ଡ ସବୁ ମଣିଷର ଖାଦ୍ୟ । କଖାରୁ ଉପରେ ଯେତେ ଆଲୋଚନା କଲେ ମଧ ଏହା ସରିବ ନାହିଁ । ଆମ୍ଭ ମାନଙ୍କ ଖାଦ୍ୟ ତାଲିକାରେ ଏହି ପ୍ରିୟ ଓ ଶସ୍ତା ତଥା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ସୁନ୍ଦର ପରିବାଟି ପ୍ରତି ଆଗ୍ରହ ସମସ୍ତଙ୍କର ବଢ଼ିଲେ କଖାରୁ ଦିବସର ତାତ୍ପର୍ଯ୍ୟର ମହତ୍ୱ ରହିବ ।

ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ : ୯୪୩୭୬୬୬୪୫୩

# ପୁରୁଣା ଅଚଳ ଭାବିଚିନ୍ତି କରାଯାଉ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବର୍ତ୍ତମାନ ପୁରୁଣା କେତେ ବଦଳାଇବା କାର୍ଯ୍ୟ ହାତକୁ ନେଇ କାମ ଚାଲିଛି । ଆମର ଘଣ୍ଟି, ଘଣ୍ଟ, ନିନାଦ, ଶଙ୍ଖ ବାଦ୍ୟ ନିନାଦ ବହୁ ସ୍ଥାନରେ ପରିଚିତ । କାହାଳୀ ହୁଳହୁଳି ଶବ୍ଦ ସହିତ ଲୋକେ ଅଭ୍ୟସ୍ତ । ଏହା ମନ୍ଦିର ଶୁଭକାର୍ଯ୍ୟ ଆଦିରେ ଏବେ ବଜାଯାଉଛି । କରୋନା ରୋଗ ଆତଙ୍କିତ କଲାବେଳେ ଏକ ଥାଳି ବଜା ପରମ୍ପରା ମୋଦିବାବୁ ଦେଶ ସାରା ଲଗାଇଦେଲେ ଲୋକେ ବି ରାଜା ଆଜ୍ଞା ମାନି ନେଲେ । ମଠ ଘଣ୍ଟକୁ ଅନେକ କାନେଇଥାନ୍ତି । ଆମ ଗ୍ରାମରେ ଜନ୍ତାଳ ପାର୍ବଣରେ ଏକ ଦିନ ରାତ୍ରୀରେ ହୋଇଥାଏ । ରାତ୍ରୀ ଭୋଜନ ସେ ଦିନ କେତେ ଜଣଙ୍କ ଘରେ ବନ୍ଦ ଥାଏ । ଲୋକେ ଠାକୁରାଣୀ ପ୍ରସାଦକୁ ପଂକ୍ତି ଭୋଜନରେ ପାଇବା ପାଇଁ ଏକ ଅନିଶ୍ଚିତ ସମୟ ଯାଏ ଅପେକ୍ଷା କରି ନିଜ ଗୃହରେ ରହି ସେ ଘଣ୍ଟ ନିନାଦକୁ କାନେଇ ଥାନ୍ତି । ପରେ ପରେ ଭୋଜୀରେ ପ୍ରସାଦ ପାଇଁ ସାମିଲ ହୁଅନ୍ତି । ଏବେ ଏପରି ନାହିଁ ସମୟ ଘଣ୍ଟା ଧାର୍ଯ୍ୟ ଏହି ସମୟକୁ ଲୋକେ ପହଞ୍ଚିବା ଚାହି ଦେବୀ ଘଣ୍ଟ, ପୀଠ ମନ୍ଦିରକୁ ଗ୍ରାମ ପରିକ୍ରମାରେ ବର୍ଷରେ ଥରେ ଦୁଇଥର ଆସିଥାନ୍ତି । ରାଉଳ ଠାକୁରାଣୀଙ୍କ କଳସ ଏକ ଦଣ୍ଡରେ ସ୍ଥିର ରଖି ତାକୁ ମୁଣ୍ଡାଇ ଲୋକଙ୍କ ଘରେ ଲୋକେ କହିବେ ଶାରଳା ଘଣ୍ଟ ବା ମଙ୍ଗଳା ଘଣ୍ଟ ଆସିଲା । ପ୍ରତି ହିନ୍ଦୁ ଗୃହସ୍ଥ ରାଉଳ ଯେ କାଳେସୀ ଥୋଇ ଦିଅନ୍ତି । ଅବଶ୍ୟ ସେତେବେଳେ ଦେବୀଙ୍କ ଚଳନ୍ତୀ ପ୍ରତିନିଧି ସୁସଜ୍ଜିତ କଳସ ତାଙ୍କ ମୁଣ୍ଡରେ ସ୍ଥିର ଥାଏ । ଗ୍ରାମରେ ହରିନାମ ଚତୁର୍ଥ ପ୍ରହରୀ ଅଷ୍ଟପ୍ରହରୀ ଆଦି କେହି ଗ୍ରାମ ବାସିନ୍ଦା କରୁଥିଲେ । ସେଥିରେ ପ୍ରହର କୁପ୍ରହର ମାଲସା ଭୋଗ କରାଯାଏ । ଏପାଇଁ ଶଙ୍ଖ ଘଣ୍ଟ ଘଣ୍ଟା ନିନାଦ କରାଯାଏ । ଅଭ୍ୟାଗତ ଆବାହନ ପାଇଁ ମଧ୍ୟାହ୍ନ ଧୂପରେ ମନ୍ଦିର ମଠରେ ଏପରି ଘଣ୍ଟ ନିନାଦ କରାଯାଏ । ଝାଞ୍ଜପିଟା ମଠ ଶ୍ରୀକ୍ଷେତ୍ର ପୁରୀରେ ଏକ ଝାଞ୍ଜ ପିଟିବା ସେବା ଅଛି ଯାହା ମଧ୍ୟାହ୍ନ ଧୂପ ବେଳେ ମନ୍ଦିର ପରିକ୍ରମା କରି ଜଣେ ଝାଞ୍ଜ ନିନାଦ କରିଥାନ୍ତି । ଏପରି ଅପେରା ପାର୍ଟିରେ ଯେଉଁ ଦୃଶ୍ୟପରେ ଦୃଶ୍ୟ ବା ଅଙ୍କରେ ଅଙ୍କ ଆରମ୍ଭ ମଧ୍ୟରେ ଥିବା କିଛି ସମୟ ଯେଉଁ ଗତ କାର୍ଯ୍ୟକ୍ରମ ଅଛି ଏଥିରେ କ୍ରାସ ବଜାଯାଏ । ଗୋଟିଏ ବଡ଼ ଝାଞ୍ଜକୁ କାଠ ପିଟଣାରେ ପିଟାଯାଏ ।

ପିତଳରେ ତିଆରି ଏଇ ଘଣ୍ଟା ଘଣ୍ଟାର ତରଙ୍ଗ ଜଳରତଙ୍ଗ ପରି ଲୋକଙ୍କ କର୍ଣ୍ଣ କୁହରରେ ପହଞ୍ଚିଲେ ମସ୍ତିଷ୍କରେ ବିକାର ଜଟିଳ କରିନାହିଁ କି ହୃଦଯନ୍ତ୍ର ସ୍ୱଳନରେ ସାଂଘାତିକ କପାଟିବା ଉପରେ ପ୍ରତିକ୍ରିୟା କରେନାହିଁ । ହେଲେ ଅନ୍ୟ ଶବ୍ଦ ଅନ୍ୟ ଧାତୁରେ କରାଗଲେ ତାହା ଶବ୍ଦ ବିଜ୍ଞାନୀ କୋଳାହଳ ତଥ୍ୟରେ କ୍ଷତିକର କରାଇଥାଏ । ଏବେ ଡିଜେ ଶବ୍ଦକୁ ପୋଲିଶ କଣ୍ଟ୍ରୋଲ କଲେଣି । ଗୃହରେ ରେଡ଼ିଓ, ଟିଭି, କେତେ ତରଙ୍ଗର କୋଳାହଳ ସୃଷ୍ଟି କରିବ ଏହି ନିୟମରେ ଟିଭି ରେଡ଼ିଓ ନିର୍ମାତାଙ୍କୁ ଏପରି ନିୟମ ମାନି ଏସବୁ ତୟାର କରିବାକୁ ପଡୁଛି । କୋର୍ଟ କଚେରୀ ପରିବେଶ ସର୍ନ୍ନିକଟ ରାଜପଥରେ ଯାନମାନେ ଉଚ୍ଚସ୍ୱରରେ ହର୍ଣ୍ଣ ବଜାଇ ଯିବାର ଯିବାକୁ ଟ୍ରାଫିକ ସିଗନାଲ ଲଗାଯାଇଛି । ବାହାଦୂରୀ ପାଇଁ ମଟର ସାଇକେଲ ବଡ଼ ଗାଡ଼ିର ହର୍ଣ୍ଣ ଲୋକ ଲଗାନ୍ତି ଏହା ଦଣ୍ଡନୀୟ ଅପରାଧ । ରେଲଗାଡ଼ି ଗୁଡ଼ିକରେ ଏକ ପ୍ରକାର ହର୍ଣ୍ଣ ଲାଗିଛି ଯାହା ଲେଭଲ କ୍ରସିଂ ଓ ଷ୍ଟେସନକୁ ପ୍ରବେଶ ଓ ପ୍ରସ୍ଥାନ ଷ୍ଟେସନ କ୍ୟାବିନ ତତ୍ତ୍ୱାବଧାରଙ୍କୁ ଲାଇନ ସଜାଇ ରଖିବାକୁ ଜଣାଇ ଦିଆଯାଏ । ସମୟ ଧାର୍ଯ୍ୟ ଥିଲେ ବି ଗାଡ଼ି ଗୁଡ଼ିକର ଯାତାୟତ କିଛି ବିଳମ୍ବ କୌଣସି କାରଣ ହେଲେ ଷ୍ଟେସନ ପ୍ରବେଶ ପାଇଁ ଷ୍ଟେସନ କର୍ତ୍ତୃପକ୍ଷଙ୍କୁ ଚେତାଇ ଦେବା ଏକ ସଙ୍କେତ । ଏ ହର୍ଣ୍ଣ ଅଧିକ ଶୁଟିକଟୁ ନକରିବାକୁ ରେଳବାଇର କର୍ତ୍ତୃପକ୍ଷଙ୍କୁ ଚେଷ୍ଟା ଅଛି । ଶବ୍ଦ କୋକୁଆ ଭୟ ଆର୍ତ୍ତନାଦ ବି କରାଏ । ପୂର୍ବେ ଡାକ ବିଭାଗର ହରକରା ଡାକ ଦେଇ ପଥରେ ଗଲାବେଳେ ଏ ଘାଗୁଡ଼ି ନିନାଦ କରୁଥିଲେ । ରାତ୍ରୀରେ ଗ୍ରାମ ଜଗୁଆଳୀ ଚୌକିଦାର ଅନ୍ଧାର ରାତ୍ରୀ ହୁସିଆର ସାବଧାନ ଧ୍ୱନୀ ମୁଖରେ ଉଚ୍ଚ ସ୍ୱରରେ କରୁଥିଲେ । ଏବେ ଦମକଳ ରାସ୍ତାରେ ବି ଘଣ୍ଟି ବଜାଇ ଅଗ୍ନୀଶ୍ରମ ବା ଆର୍ତ୍ତଗର୍ଜନ ଉଦ୍ଧାର ପାଇଁ ରାସ୍ତାରେ ଯାଉଛି । ତବଲା ବୋଲରେ ନର୍ତ୍ତକୀ ନାଚିଲେ ପାଦର ଘୁଙ୍ଗୁର ନିନାଦ କରୁଛି ।

ଏଇ ଥାଳି ବଜା ଏପରି ଆତଙ୍କ ଧ୍ୱନୀ ଥଲା ରୋଗ ପ୍ରତି ସଜାଗ ଅନ୍ୟକୁ ଜଣାଇବା ଉଦ୍ଦେଶ୍ୟରେ ହେଲେ ସେଥିରେ ରୋଗ କିନ୍ତୁ ଉପଶମ ହୋଇନାହିଁ । ପୂର୍ବେ ସବାଖିଆ ମାନେ ଏକ ଲୁହାକଡ଼ାକୁ ହାତରେ ପିନ୍ଧିବାକୁ ହାତରେ ଧରିବା ଛୁରୀରେ ବଜାଇ ବଜାଇ ଗ୍ରାମରେ ଘରକୁ ଘର ଭିକ ମାଗୁଥିଲେ । ଏପରି ଶବ୍ଦ ଶୁଣି ଲୋକେ ତାଙ୍କୁ ତୁରନ୍ତ କିଛି ଦେଇ ଘର ପାଖରୁ ତଡ଼ି ଦେଉଥିଲେ । ଏହି ଲୁହାବଜା ସ୍ୱର ବହୁ ଅମଙ୍ଗଳ ବୋଲି ଧରାଯାଏ । ଲୁହାବଜା ସ୍ୱର ଦୁଇ ଖଡ୍ଗରେ ଯୁଦ୍ଧ କରିବା ଦୁଇଟି ଲୋକ କରନ୍ତି ଏଥିରେ ଖୁନ ଖରାପି ହୁଏ । ପ୍ରାଣହାନି ବି ହୁଏ । ସରକାରଙ୍କ ପକ୍ଷରୁ ବାତ୍ୟା, ବନ୍ୟା ଓ ସରକାରୀ ବିଜ୍ଞପ୍ତି ପୂର୍ବେ ଜିପରେ ଡାକବାଜୀ ଯନ୍ତ୍ର ଲଗାଇ କରାଯାଉଥିଲା । ଏ ସମୟରେ ମୋବାଇଲ ଫୋନରେ ଚୁଟକଲିରେ ହୋଇଗଲାଣି । ସରକାରୀ ଆଜ୍ଞା ଲୋକେ ମାନିବାକୁ ବାଧ । ଲୋକ ଘରେ ଅନେକ ସଂସାରୀ ଦ୍ରବ୍ୟ ଯାଗା ଘର ସମ୍ପତ୍ତି ଛାଡ଼ି ଯିବାକୁ ଲୋକଙ୍କର ମୋହ ବାଧା ଦେଉଛି । ସନ୍ନ୍ୟାସୀ ହାତକୁ ହାତ ଲୋଟା କୌପିନ କମ୍ବଳ ସମ୍ବଳ ସେମାନେ ରାଜା ଆଦେଶ ନୋଟିସ ମାନିବାକୁ ସହଜ ମାତ୍ର ଅଧିକ ବିଷୟୀ କେମିତି ଘରଦ୍ୱାର ଛାଡ଼ି ଯିବ ଏମିତି ସପତ ଦିନ ବୃଷ୍ଟି କଲେ ଗୋପରେ ଶ୍ରୀକୃଷ୍ଣ ସମସ୍ତଙ୍କୁ ଉଚ୍ଚସ୍ଥାନ ଗୋବର୍ଦ୍ଧନ ପର୍ବତନକୁ ଯିବାକୁ ଆହ୍ୱାନ କରିଥିଲେ । ଗୋପାଳ ମାନଙ୍କର ଧନ ଥିଲା, ଗୋରୁ, ଗାଈ, ସେମାନଙ୍କୁ ସାଥିରେ ନେଇ ବର୍ଷାରେ ଯମୁନା ପ୍ଲାବନରୁ ରକ୍ଷା ପାଇଥିଲେ । ହେଲେ ପରେ ପରେ ଗୃହବାସ ଅନ୍ୟଧନ ନାଶ ହେଲେ ବି କ୍ଷତି ପୁନଃ ଗୋ-ଧନ ଓ ଗହମ, ମକା ଖେତରୁ ଭରିଣା ସହଜ ହୋଇଥିଲା ।

ଆତଙ୍କରେ ଲୋକେ ଉଚ୍ଛନ୍ନ ହୋଇ ଜୀବନ ଜୀବିକା ହରାଇ ପାରନ୍ତି । ଲୋକଙ୍କୁ ବଡ଼ ବଳ ସରକାର ସର୍କାରରେ ଥିବା ବାବୁମାନେ ବଳ ପ୍ରଦାନ କଲେ ଦେଶ ଓ ପ୍ରଜା ଆଗେଇବ ଭୁଲ କାନୁନ କଳରେ ଦଙ୍ଗା ଅଶାନ୍ତି ରକ୍ତପାତ କରିବ । ଭୁଲ ପ୍ରଚାର ବି ଶୋକ ଦୁଃଖ ଅଚାନକ ଆଣିବ ।

*ବରେଣ୍ୟ ବାଣୀ' ପିସି ସରକାର*
*ଲେନ୍, ଅରୁଣୋଦୟ ମାର୍କେଟ,*
*କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ



## ବାତ୍ୟା ପ୍ରଭାବିତ ଅଞ୍ଚଳରେ ବାଣୀଧାରା ସଂଗଠନର ନିରନ୍ତର ବିଦ୍ୟୁତ ସେବା ଯୋଗାଣ







ପାରାଦୀପ,(ପି.ଏନ): ବାତ୍ୟା 'ଦାନା' ରେ ପ୍ରଭାବିତ ପାରାଦୀପ ଓ କୁଜଙ୍ଗ ଅଞ୍ଚଳରେ ବିଦ୍ୟୁତ ସରବରାହ ରେ ବ୍ୟାଘାତ ସୃଷ୍ଟି ହୋଇଥିବା ବିଭିନ୍ନ ଗ୍ରାମରେ ବିଦ୍ୟୁତ୍ ସରବରାହ ନିରନ୍ତର ସେବା ଜାରି ରଖିବାକୁ ବାଣୀଧାରା ଚାରିଟେବୁଲ ଟ୍ରଷ୍ଟ ସଙ୍ଗଠନ ଦ୍ୱାରା ଜେନେରେଟର ମାଧ୍ୟମରେ ସାମୁହିକ ବିଦ୍ୟୁତ୍ ସରବରାହ ଯୋଗାଇ ଦିଆଯିବାର ପ୍ରୟାସ କରାଯାଇଛି । ଯୋଗାଯୋଗ କ୍ଷେତ୍ରରେ ମୋବାଇଲ ଏକ ଜରୁରୀ ମଧ୍ୟମ ହୋଇଥିବା ବେଳେ ବିଦ୍ୟୁତ ସେବାରେ ବିଭ୍ରାଟ ଯୋଗୁଁ ଗ୍ରାମାଞ୍ଚଳର ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ । ତେବେ ଏହି ସଂଗଠନ ପକ୍ଷରୁ ତିନୋଟି ଜେନେରେଟର ଗାଡି ମାଧ୍ୟମରେ ବିଭିନ୍ନ ଗ୍ରାମାଞ୍ଚଳରେ ଏହି ସେବା ଯୋଗାଇଦେବା ଦ୍ୱାରା ଲୋକମାନେ ସେମାନଙ୍କର ମୋବାଇଲ ସହିତ ଚାର୍ଜିଂ ଟର୍ଚ୍ଚ ସବୁ ବିନା ଶୁଳ୍କରେ ଚାର୍ଜ କରି ପାରୁଛନ୍ତି । ଅଞ୍ଚଳ ମାନଙ୍କରେ ବିଦ୍ୟୁତ ସେବା ଠିକ ହେବା ପର୍ଯ୍ୟନ୍ତ ଏହି ସେବା ଜାରି ରଖାଯିବ ବୋଲି ଟ୍ରଷ୍ଟ ର ମ୍ୟାନେଜିଙ୍ଗ ଟ୍ରଷ୍ଟି ଆଇନଜୀବୀ ଗତିକୃଷ୍ଣ ଶତପଥି କହିଛନ୍ତି । ଏହି ସେବା କାର୍ଯ୍ୟକ୍ରମ ରେ ଟ୍ରଷ୍ଟର ସଦସ୍ୟ ପ୍ରଶାନ୍ତ ଦାସ, ବିଶ୍ୱରଂଜନ, ସତ୍ୟ ମହାନ୍ତି, ନଗେନ୍ଦ୍ର ଯାଦବ, ଦେବୀ ରଞ୍ଜନ, ଜେନେରେଟର ଅପରେଟର ଓ ଟେକନିସିଆନ ଚିଣ୍ଟୁ ପରିଡ଼ା, ଶ୍ରୀକାନ୍ତ ପରିଡ଼ା, ବାହନ ଚାଳକ ସୁଧାଂଶୁ ରାଉତ, ଅର୍ଜୁନ ମାଝୀ, ବୈଷ୍ଣବ ମାଝୀ ପ୍ରଭୃତି ସହଯୋଗ କରିଥିଲେ । ତେବେ ଏପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାଣୀଧାରା ସଂଗଠନର ଏପରି ଉନ୍ନତ ଚିନ୍ତାଧାରା ଓ କାର୍ଯ୍ୟ କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ଜଗତସିଂହପୁର ଜିଲ୍ଲାରେ ବାତ୍ୟା 'ଦାନା' ପ୍ରଭାବ ରୁ ଜଗତସିଂହପୁର ଜିଲ୍ଲାବାସୀ ତ୍ରାହି ପାଇଲେ



ଜଗତସିଂହପୁର, (ପି.ଏନ) ସାମୁଦ୍ରିକ ବାତ୍ୟା' ଦାନା 'ପ୍ରଭାବ ରେ ଜିଲ୍ଲାରେ ପବନ ଓ ବର୍ଷା ଗତକାଲି ଠାରୁ ଲାଗିରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଲଗାତାର ବାତ୍ୟା ସମ୍ପର୍କିତ ସତର୍କ ସୂଚନା ଦିଆଯାଉଥିଲା, ଜିଲ୍ଲା ଜରୁରୀ ବିଭାଗରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଛି । ଜିଲ୍ଲା ରେ ବାତ୍ୟା ଦାନା ର ପ୍ରଭାବ ରେ ସେପରି କୌଣସି କ୍ଷୟ କ୍ଷତି ହୋଇନାହିଁ । ମିଳିଥିବା ତଥ୍ୟ ଅନୁସାରେ ଜିଲ୍ଲା ରେ କାଲି ରାତି ସୁଦ୍ଧା ୪୧୧୬୭ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା ସେଠାରେ ସେମାନଙ୍କୁ ସକାଳେ ଶୁଖିଲା ଖାଦ୍ୟ ଦିଆଯିବା ସହ ମଧ୍ୟାହ୍ନ ଭୋଜନ ଓ ରାତିରେ ରନ୍ଧା ଖାଦ୍ୟ ଦିଆଯାଇଥିଲାଆଭାସୀ ମାଧ୍ୟମରେ ବି.ଡି.ଓ ଓ ତହସିଲଦାର ମାନଙ୍କ ସହିତ ସ୍ଥାନାନ୍ତରିତ ଲୋକମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ଜିଲ୍ଲାପାଳ କାଲି ଆଲୋଚନା କରିଥିଲେ । ଯେଉଁମାନଙ୍କର କଚ୍ଚା ଘର, କିମ୍ବା ଘରର ଅବସ୍ଥା ଠିକ୍ ନାହିଁ ସେମାନଙ୍କୁ ଆଶ୍ରୟସ୍ଥଳୀରୁ ନଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ । ତହସିଲଦାର ମାନଙ୍କ ଟିମ୍ ଅଞ୍ଚଳ ପରିଦର୍ଶନ କରି ଆବଶ୍ୟକତା ଥିବା ଲୋକମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ବାତ୍ୟାର ପ୍ରଭାବ କମିଯାଇଥିବାରୁ ସ୍ଥାନାନ୍ତରିତ ଲୋକ ମାନେ ନିଜ ନିଜ ଘରକୁ ଫେରିଯାଇଛନ୍ତି ।ଜିଲ୍ଲାରେ ଟି ନଳକୂପ କାର୍ଯ୍ୟକ୍ଷମ ଅଛି । ୫୦୦୦ ଲିଟର ୨୯ ଟି ଟ୍ୟାଙ୍କର ମଧ୍ୟରେ ପାନୀୟ ଜଳ ଯୋଗାଇ ଦିଆଯାଇ ଥିଲା । ଜିଲ୍ଲା ର ପାଇପ ୱାଟର ସପ୍ଲାଏ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ଅଛି । ସମସ୍ତ ବ୍ଲକ୍ ପାଖରେ ଡିଜି ସେଟ୍ ପାୱାର ବ୍ୟାକ ଅପ ପାଇଁ ମହଜୁଦ ରହିଥିଲା । ୨୫ ତାରିଖ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ପ୍ରଭାବରେ ଜିଲ୍ଲାର ୮ ଟି ବ୍ଲକ୍ ୨ ଟି ମ୍ୟୁନିସପାଲିଟି ର ୧୯୨ ଆଶ୍ରୟସ୍ଥଳ ର ୪୧୧୬୭ ପ୍ରଭାବିତ ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି । କୌଣସି ଲୋକଙ୍କର କ୍ଷୟକ୍ଷତି ହୋଇ ନଥିବାବେଳେ ପାରାଦ୍ୱୀପ ପୌରାଞ୍ଚଳ ଓ କୁଜଙ୍ଗ ରେ କିଛି ସ୍ଥାନରେ ଭାଙ୍ଗି ଯାଇଥିବା ଗଛ ଓଡରଫ ଏନଡିଆରଏଫ ଅଗ୍ନିଶମ ବିଭାଗ ଦ୍ୱାରା କାଟି ରାସ୍ତା ପରିଷ୍କାର କରଯାଇଛି । କୌଣସି ଗୋରୁ ଗାଈ ପ୍ରଭାବିତ ହୋଇଥିନ ଥିବାବେଳେ ସେମାନଙ୍କ ବାତ୍ୟା ପ୍ରଭାବରେ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇ ନ ଥିବା ର ସୂଚନା ମିଳିଛି । ଆଜି ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୪୦ କୁଇଣ୍ଟାଲ୍ ଚୂଡ଼ା, ୧ କୁଇଣ୍ଟାଲ ଗୁଡ଼, ବଣ୍ଟନ କରାଯାଇଛି । ଜିଲ୍ଲାରେ ୨୦ ଟି ମେଡିକାଲ ଟିମ୍ ଓ ୨୪ ଟି ପ୍ରାଣୀ ସଂପଦ ଟିମ୍ ପ୍ରଭାବିତ ଅଞ୍ଚଳ ପାଇଁ ନିୟୋଜିତ ହୋଇଥିଲେ ।ବାତ୍ୟା ପ୍ରଭାବରେ ଜିଲ୍ଲାରେ ବର୍ଷାର ପରିମାଣ ୧୦୮.୨ ମିମି ରହିଥିଲା । ପାରାଦ୍ୱୀପ ପୌରାଞ୍ଚଳ ରେ ସର୍ବାଧିକ ୪୮.୨ ମି.ମି., ହୋଇଥିବାବେଳେ ସବୁଠୁ କମ୍ ନାଉଗାଁ ବ୍ଲକ୍ ରେ ୩ ମି.ମି., ବର୍ଷା ହୋଇଛି । ଜିଲ୍ଲା ର ହାରାହାରି ବର୍ଷା ୧୨.୦୨ ମି.ମି., ରହିଛି । ଅପରାହ୍ନ ୩ ଟା ସୁଦ୍ଧା ପାଣିପାଗ ବିଭାଗ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ ଆସନ୍ତା କାଲି ସକାଳ ୮.୩୦ ପର୍ଯ୍ୟନ୍ତ ଜିଲ୍ଲା ପାଇଁ ୟେଲୋ ୱାରନିଂ ରହିଛି,ଫଳରେ ଅଳ୍ପ ବର୍ଷା ହେବାର ସମ୍ଭାବନା ରହିଛି । ଏସମ୍ପର୍କରେ ଜିଲ୍ଲାପାଳ ଜେ. ସୋନାଲ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ କହିଛନ୍ତି,ଜିଲ୍ଲାରେ ବାତ୍ୟା ଦାନା' ପ୍ରଭାବ ଙ୍କୁ ନେଇ ଯେଉଁ ଆଶଙ୍କା କରାଯାଉଥିଲା ତାହା ମଧ୍ୟ ଏତେ ପରିମାଣରେ ହୋଇନାହିଁ କ୍ଷ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଦାନା କ୍ଷୟକ୍ଷତିର ନେଇ କୌଣସି ସ୍ୱଷ୍ଟ ଚିତ୍ର ମିଳିନାହିଁ, ଜିଲ୍ଲାରେ ବାତ୍ୟା କ୍ଷୟକ୍ଷତି ସମ୍ପର୍କିତ ପୂର୍ଣ୍ଣାଙ୍ଗ ରିପୋର୍ଟ ସମସ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇ ଦିଆଯାଇଛି ରିପୋର୍ଟ ଦେଲା ପରେ ସଂପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି ଜିଲ୍ଲାପାଳ ଜେ. ସୋନାଲି କହିଛନ୍ତି । (ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୮୭ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତର) ଗର୍ଭବତୀ ମହିଳା ମାନଙ୍କୁ ଆଗୁଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା ଯୋଗାଇ ଦିଆଯାଉଛି । ଜଗତସିଂହପୁର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୮୭ ଜଣ ଗର୍ଭବତୀ ମହିଳା ରୁ ୭୭ ଜଣ ଜନ୍ମଗ୍ରହଣ କରିଛନ୍ତି, ସେଥିମଧ୍ୟରେ ପୁଅ -୪୨ଜଣ ଝିଅ - ୩୬ ଜଣ ସେଥିମଧ୍ୟରେ ଜଣଙ୍କର ୨ଟି ସ୍ତାନ ହୋଇଛି ଏବେ ସୁଦ୍ଧା ୧୩୭ ଗର୍ଭବତୀ ମହିଳାଙ୍କୁ ରଖାଯାଇଥିବା ବେଳେ ଜିଲ୍ଲାର ଦୁଇଟି ପୌରାଞ୍ଚଳ, ପାରାଦ୍ୱୀପ, କୁଜଙ୍ଗ, ଏରସମା, ବାଲିକୁଦା ଅଞ୍ଚଳ ରୁ ୪୧୧୬୭ ହଜାରରୁ ଉର୍ଦ୍ଧ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଏହା ଛଡ଼ା ୧୪ଟି ମୋବାଇଲ ଟିମ୍ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଲୁଥିବା ବେଳେ ଆମ୍ବୁଲାନ୍ସ ସଜାଗ ରଖାଯାଇଛି । ଗର୍ଭବତୀ ମହିଳାଙ୍କ ନିମନ୍ତେ ସମସ୍ତ ପିଏଚ୍‌ସି, ସିଏଚ୍‌ସି, ପାଖରେ ଆବଶ୍ୟକ ପରିମାଣରେ ଔଷଧ ମହଜୁତ ରହିଛି ବୋଲି ଜିଲ୍ଲାମୁଖ୍ୟ ଚିକିତ୍ସାଳୟର ସିଡ଼ିଏମ ସରୋଜ କୁମାର ଜେନା ସୂଚନା ଦେଇଥିଲେ ।

## ପୂର୍ବତନ ଅଧ୍ୟାପକ ଡ଼ଃ ନିମାଇ ଚରଣ ପ୍ରଧାନଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ତାଳଚେର,(ପି.ଏନ):ତାଳଚେର ମହାବିଦ୍ୟାଳୟ ର ପୂର୍ବତନ ଅଧ୍ୟାପକ ଡ଼ଃ ନିମାଇ ଚରଣ ପ୍ରଧାନଙ୍କର ଗୁରୁବାର ରାତ୍ରୀ ୨ଟାରେ ଅକାଳ ବିୟୋଗ ଘଟିଛି । ତାଙ୍କର ବିୟୋଗରେ ବିଭିନ୍ନ ମହଲ ରେ ଶୋକ ପ୍ରକଟ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବ୍ୟକ୍ତ କରିଛନ୍ତି ।ତାଳଚେର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଡଃ ନିମାଇ ଚରଣ ପ୍ରଧାନଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଛାତ୍ର ଜୀବନରୁ ତାଙ୍କ ସହିତ ମୋର ନିବିଡ ସମ୍ପର୍କ ଥିଲା । ସେ ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଥିଲେ । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଶୋକବାର୍ତ୍ତା ରେ ପ୍ରକାଶ କରିଛନ୍ତି ।ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମଧ୍ୟ ଅନୁରୂପ ଭାବେ ଶୋକ ପ୍ରକାଶ କରିଛନ୍ତି ।ବିଜେପି ର ବରିଷ୍ଠ ନେତା ତଥା ଏନଏସ ଆଇ ସି ର ଡାଇରେକ୍ଟର କାଳନ୍ଦି ସାମଲ, ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ତାଙ୍କ ବାସ ଭବନ ରେ ପହଂଚି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି ।

## ବାତ୍ୟା ଦାନା ପାଇଁ ବାତ୍ୟା ଆଶ୍ରୟସ୍ଥଳ ବସ୍ତି ଅଂଚଳଲୋକଙ୍କୁ ସ୍ଥାନାନ୍ତରିତ



ପାରାଦ୍ୱୀପ,(ପି.ଏନ) : ବାତ୍ୟା ଦାନା ଯେତେ ପାଖକୁ ଆସୁଛି, ଏହାର ପ୍ରକୋପ ମଧ୍ୟ ବଢ଼ିବାରେ ଲାଗିଛି । ପ୍ରଭାବରେ ଗୁରୁବାର ସକାଳୁ ପାଗରେ ପରିବର୍ତ୍ତନ ହେବା ସହିତ ବର୍ଷାର ପରିମାଣ ମଧ୍ୟ ବଢ଼ିବାରେ ଲାଗିଛି । ସେହିପରି ପବନ ମଧ୍ୟ ଦେଖିବାକୁ ମିଳିଛି । ପ୍ରଶାସନ ପକ୍ଷରୁ ବିଭିନ୍ନ ସୁରକ୍ଷିତ ସ୍ଥାନରେ ଲୋକମାନଙ୍କୁ ରଖି ସେମାନଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ତେବେ ପାରାଦ୍ୱୀପ ରେ ପାଖାପାଖି ୩ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ପ୍ରକାଶ କରିଛନ୍ତି । ମାତ୍ର କିଛି ଲୋକ ପ୍ରଶାସନ ର ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ବଣ୍ଟନ ସମୟରେ ବାତ୍ୟା ଆଶ୍ରୟସ୍ଥଳୀ ରେ ପହଞ୍ଚି ଖାଦ୍ୟ ପାନୀୟ ନେଉଥିବା ବେଳେ, ଖାଦ୍ୟ ସାମଗ୍ରୀ ନେବା ପରେ ନିଜ ନିଜ ଘରକୁ ଚାଲିଯାଉଥିବା ଦେଖିବାକୁ ମିଳିଛି । ସନ୍ଧ୍ୟା ସୁଦ୍ଧା ପାଖାପାଖି ୫ ହଜାର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ପ୍ରଶାସନ ଯୋଜନା ରଖିଥିବା ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ପଣ୍ଡିତ ଜବାହାର ଲାଲ ନେହେରୁ ଟ୍ରଷ୍ଟର ସଦସ୍ୟମାନେ ସମସ୍ତ ବାତ୍ୟାଆଶ୍ରୟସ୍ଥଳରେ ଔଷଧ ବଣ୍ଟନ କରାଯାଇଥିଲା । ଏନଡିଆରଏଫ, ଓଡ୍ରାଫ ଟିମ୍ ଦ୍ୱାରା ରାସ୍ତାରେ ପଡିଥିବା ଗଛ କଟାଯାଇ ରାସ୍ତା ପରିଷ୍କାର କରାଯାଇଛି ।

## ବଡଚଣାରେ ୨୫୬ଟି ଆଶ୍ରୟ ସ୍ଥଳୀରେ ଦୁଇ ହଜାରରୁ ଉର୍ଦ୍ଧ ଲୋକ ଆଶ୍ରୟ ନେଲେ

ଦର୍ପଣ,(ପି ଏ ନ) ଭୀଷଣ ରୂପରେ ଓଡ଼ିଶା ଉପକୂଳ ମୁହା ହେଉଛି ବାତ୍ୟା ଦାନା । ଏହାର ପ୍ରଭାବ ଆଜିଠାରୁ ଅନୁଭୂତ ହେଉଛି । ମେଘୁଆ ପାଗକୁ ତୁହାକୁ ତୁହା ବର୍ଷା ତା ସହିତ ପବନର ଝଟକା ଲୋକ ମାନଙ୍କ ମଧ୍ୟରେ ଭୟ ଚଞ୍ଚଳ କରୁଛି । ବାତ୍ୟା କୁ ଅକ୍ଷିଆଗରେ ରଖି ବ୍ଲକ୍ ପ୍ରଶାସନ ତରଫରୁ ଲୋକ ମାନଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳୀ ରେ ରଖିବା ସହିତ ସେମାନଂକୁ ଆଜି ସକାଳେ ଶୁଖିଲା ଖାଦ୍ୟ, ମଧ୍ୟାହ୍ନରେ ରନ୍ଧା ଖାଦ୍ୟ ଓ ରାତିରେ ମଧ୍ୟ ରନ୍ଧା ଖାଦ୍ୟ ଯୋଗାଇ ଦେବା ର ବ୍ୟବସ୍ଥା କରାଯିବା ସହ ପାନୀୟ ଜଳ, ଜର ଥଣ୍ଡା ଔଷଧ ଯୋଗାଇ ଦିଆ ଯାଇଥିଲା । ବଡଚଣା ରେ ଥିବା ୫ଟି ବାତ୍ୟା ଆଶ୍ରୟ ସ୍ଥଳୀ ଓ ଗୋଟାଏ କଲେଜ ସହିତ ୨୫୬ଟି ବିଦ୍ୟାଳୟ ରେ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ରଖା ଯାଇଛି ।ଏଥିସହିତ, ଓଡରକ୍ଷଫ ଟିମ୍, ଅଗ୍ନିଶମ ବାହିନୀର କର୍ମଚାରୀ ମାନଙ୍କୁ ବିଭିନ୍ନ ସ୍ଥାନରେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆ ଯାଇଛି । ପୋଲିସ ପେଟ୍ରୋଲିଂ କୁ ଜୋରଦକ୍ଷର୍ କରଯାଇଛି । ଆଜି ରାତି ୧୧ଟା ଠାରୁ ଆସନ୍ତା ସକାଳ ପର୍ଯ୍ୟନ୍ତ ସମୟ ଅତି ଗୁରୁତ୍ୱ ପୂର୍ଣ୍ଣ ହୋଇଥିବାରୁ ଜନସାଧାରଣ ସତର୍କ ରହିବାକୁ ପରାମର୍ଶ ଦିଆ ଯାଇଛି । ବ୍ଲକ୍ ର ମୁଖ୍ୟ ବ୍ୟବସାୟିକ ପେଣ୍ଠ ସ୍ଥଳୀ କୁହା ଯାଉଥିବା ଚଣ୍ଡିଖୋଲ ଛକ ଓ ବାଲିଚନ୍ଦ୍ରପୁର ବଜାର ଖାଁ ଖାଁ ଦେଖାଯାଉଥିବା, ବେଳେ ଦୋକାନ ବଜାର ବନ୍ଦ ରହିଥିବା ଦେଖା ଯାଇଥିଲା । କେତେକ ଗର୍ଭବତୀ ମହିଳା ମାନଙ୍କୁ ବଡଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ କୁ ନିଆ ଯାଇଛି । ତହସିଲଦାର ଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିବାରେ ତାଙ୍କର ମୋବାଇଲ୍ ସୁଇଜ ଅପ୍ ଥିବାର ଜଣା ଯାଇଥିଲା । ବଡଚଣା ବିଧାୟକ ଅମର କୁମାର ନାୟକ ଏହି ବାତ୍ୟା ଆଶଙ୍କାରେ ଚାରିନଙ୍ଗଲ, ଗୋପାଳପୁର, ବରପଦା, ବଡ଼ ବାଲିକୁଦା, ମଝିପଡଓ ପଂଚାୟତ ର ବାତ୍ୟା ଆଶ୍ରୟସ୍ଥଳୀ ସ୍କୁଲ ମାନଙ୍କରେ ପହଂଚି ଆଶ୍ରୟ ରେ ଥିବା ସାଧାରଣ ଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝି ଏ ସରକାର୍ ସମସ୍ତ ପ୍ରକାର ସୁବିଧା ଯୋଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ଦାୟିତ୍ୱ ରେ ଥିବା ସରକାରୀ କର୍ମଚାରୀ ମାନେ ଠିକ୍ ଭାବେ ବୁଝିବାକୁ ବିଧାୟକ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି ।

## ପରିକ୍ରମା ହ୍ୟୁମାନିଟି ଫାଉଣ୍ଡେଶନର ପିଲାମାନଙ୍କ ସ୍ୱପ୍ନ ପୂରା କରିଛି ଏସ୍‌ବିଆଇ ଲାଇଫ୍




ଭୁବନେଶ୍ୱର,(ପି.ଏନ): ଏସ୍‌ବିଆଇ ଲାଇଫ୍ ଇନ୍ସୁରାନ୍ସ ଓ ବିସିସିଆଇ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଏକ ମିଟ୍ ଆଣ୍ଡ ଗ୍ରିଟ୍ ପ୍ଲାଟ୍‌ଫର୍ମରେ ପରିକ୍ରମା ହ୍ୟୁମାନିଟି ଫାଉଣ୍ଡେଶନର ୫ ଜଣ ପିଲା ଭାରତୀୟ କ୍ରିକେଟ ଟିମ୍‌ର ନିଜର ପ୍ରିୟ କ୍ରିକେଟରଙ୍କୁ ଭେଟିବାର ସୁଯୋଗ ପାଇଥିଲେ ଏବଂ ନେଟ୍‌ରେ ସେମାନଙ୍କ ସହ କ୍ରିକେଟ ମଧ୍ୟ ଖେଳିଥିଲେ । ଏହା ଏହି ମୌଳିକ ସୁବିଧାରୁ ବଂଚିତ ପିଲାମାନଙ୍କ ପାଇଁ ଏକ ସ୍ୱପ୍ନ ପୂରଣକାରୀ ମୁହୂର୍ତ୍ତ ଥିଲା । ପିଲାମାନେ ସୁ ସାମ୍‌ସନ, ଅର୍ଶଦୀପ ସିଂହ ଓ ସୂର୍ଯ୍ୟକୁମାର ଯାଦବଙ୍କୁ ଭେଟିଥିଲେ । ଏହି ୫ ଜଣ ପିଲା ଦୀପିକା ଏମ୍, ମେଲାରୀ ଏନ୍, ଅନନ୍ୟା ଭି, ନଭା ପ୍ରଣବ ଓ ପାଓଗୌହାଓ ଏଲ୍ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଦେଖିବା ପାଇଁ ସୁଯୋଗ ମଧ୍ୟ ପାଇଥିଲେ । କ୍ରିକେଟ ତାରକାଙ୍କ ପରିକ୍ରମା ହ୍ୟୁମାନିଟି ଫାଉଣ୍ଡେଶନର ପିଲାମାନଙ୍କ ସହ ସମୟ ବିତାଇବା , ଏକ ଛୋଟ ପଦକ୍ଷେପ କିଭଳି ଦୀର୍ଘସ୍ଥାୟୀ ସ୍ମୃତି ସୃଷ୍ଟି କରିପାରେ ଓ ପିଲାମାନଙ୍କୁ ବଡ ସ୍ୱପ୍ନ ଦେଖିବା ପାଇଁ ପ୍ରେରିତ କରିପାରେ ତାହା ସୂଚିତ କରୁଛି । ଏସ୍‌ବିଆଇ ଲାଇଫ୍ ଇନ୍ସୁରାନ୍ସର ଏହି ପଦକ୍ଷେପ ପଛର ଉଦ୍ଦେଶ୍ୟ ଥିଲା ବଂଚିତ ପିଲାମାନଙ୍କ ଶିକ୍ଷା ଓ ସାମଗ୍ରିକ ବିକାଶରେ ସହଯୋଗ କରି ସେମାନଙ୍କୁ ସମୃଦ୍ଧ କରିବା ଏବଂ ସେମାନଙ୍କୁ ବଡ ସ୍ୱପ୍ନ ଦେଖିବା ଓ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନିଜର ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରୋତ୍ସାହିତ କରିବା । ଏସମ୍ପର୍କରେ ଏସ୍‌ବିଆଇ ଲାଇଫ୍‌ର ବ୍ରାଣ୍ଡ୍, କର୍ପୋରେଟ କମ୍ୟୁନିକେଶନ ଓ ସିଏସ୍‌ଆର୍ ବିଭାଗର ମୁଖ୍ୟ ରବିନ୍ଦ୍ର ଶର୍ମା କହିଛନ୍ତି, 'ଏହି ପିଲାମାନଙ୍କୁ ସେମାନଙ୍କ ଜୀବନର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତକୁ ଅନୁଭବ କରିବା ପାଇଁ ସାହାର୍ଯ୍ୟ କରିବାରେ ଏକ ଛୋଟ ଭୂମିକା ଗ୍ରହଣ କରି ଆମେ ସମ୍ମାନିତ ମନେ କରୁଛୁ । ଆମେ କ୍ରିକେଟ ତାରକାମାନଙ୍କୁ ଏହି ପିଲାମାନଙ୍କ ସହ ସମୟ ବିତାଇଥିବାରୁ ଧନ୍ୟବାଦ ଜଣାଉଛୁ । ଏହା ପିଲାମାନଙ୍କ ପାଇଁ ଏକ ପ୍ରେରଣାଦାୟକ ସ୍ମୃତି ହୋଇ ରହିବ ଓ ସେମାନଙ୍କୁ ବଡ ସ୍ୱପ୍ନ ଦେଖିବା ପାଇଁ ପ୍ରୋତ୍ସାହିତ କରିବ । ଏସ୍‌ବିଆଇ ଲାଇଫ୍ ପିଲାମାନଙ୍କୁ ସହଯୋଗ ଓ ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ରହିଛି ।' ସେହିପରି ପରିକ୍ରମା ହ୍ୟୁମାନିଟି ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ସିଇଓ ଶୁକ୍ଳା ବୋସ୍ କହିଛନ୍ତି, 'ବେଙ୍ଗାଲୁରୁରେ ମୌଳିକ ସୁବିଧାରୁ ବଂଚିତ ପିଲାମାନଙ୍କ ପପାଇଁ ଆମର ସ୍କୁଲ ଓ କଲେଜ ପରିଚାଳନା କରିବା କ୍ଷେତ୍ରରେ ଏସ୍‌ବିଆଇ ଲାଇଫ୍ ପରିକ୍ରମା ପାଇଁ ଏକ ବଡ ସମର୍ଥକ ରହିଆସିଛି । ସେମାନେ ଆମକୁ ଆର୍ଥିକ ସହଯୋଗ ପ୍ରଦାନ କରିବା ସହ ଆମର ପିଲାମାନଙ୍କ ପାଇଁ ବିଭିନ୍ନ ସୁଯୋଗ ସନ୍ଧାନ କରିଛନ୍ତି । ଆମେ ଦିଲ୍ଲୀରେ ୨୦:୨୦ କ୍ରିକେଟ ମ୍ୟାଚ୍ ଦେଖିବା ପାଇଁ ଆମର କିଛି ପିଲାଙ୍କୁ ଆମନ୍ତ୍ରିତ କରିଥିବାରୁ ଏସ୍‌ବିଆଇ ଲାଇଫ୍‌କୁ ଧନ୍ୟବାଦ ଜଣାଉଛୁ । ଏହା ଆମର ପିଲାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଅଟେ ବୋଲି ଆମେ ବିଶ୍ୱାସ କରୁଛୁ ।'




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray